रेजिस्ट्री सं. डी. 221

REGISTERED No. D. 221
ରେଜିଷ୍ଟ୍ରି ସଂ. ଡି. 221

# भारत का राजपत्र
# The Gazette of India
# ଭାରତର ଗେଜେଟ

असाधारण
EXTRAORDINARY
ଅସାଧାରଣ

भाग XIII—अनुभाग I
Part XIII—Section I
ଭାଗ XIII—ଖଣ୍ଡ I

प्राधिकार से प्रकाशित
PUBLISHED BY THE AUTHORITY
ପ୍ରାଧିକାର ଦ୍ୱାରା ପ୍ରକାଶିତ

No. 1 NEW DELHI, FRIDAY, JUNE 23, 2006/ASADHA 4, 1928 (SAKA), VOL. 6
ସଂ. 1 ନୂଆଦିଲ୍ଲୀ, ଶୁକ୍ରବାର, ଜୁନ୍ 23, 2006/ଆଷାଢ଼ 4, 1928 (ଶକ), ଗ୍ରନ୍ଥଖଣ୍ଡ 6

## MINISTRY OF LAW AND JUSTICE

### (Legislative Department)

*New Delhi, dated the 23rd June, 2006/4 Asadha, 1928 (SAKA)*

The Translation in Oriya of the Right to Information Act, 2005 are hereby published under the authority of the President and shall be deemed to be the Authoritative Texts thereof in Oriya under Clause (a) of Section 2 of the Authoritative Texts (Central Laws) Act, 1973 (50 of 1973).

## ବିଧି ଓ ନ୍ୟାୟ ମନ୍ତ୍ରଣାଳୟ

### (ବିଧାୟୀ ବିଭାଗ)

*ନୂଆଦିଲ୍ଲୀ, 23 ଜୁନ୍, 2006/ 4 ଆଷାଢ଼, 1928 (ଶକ)*

ଦି ରାଇଟ୍ ଟୁ ଇନ୍‌ଫରମେସନ୍ ଆକ୍ଟ, 2005 ର ନିମ୍ନଲିଖିତ ଓଡ଼ିଆ ଅନୁବାଦ ରାଷ୍ଟ୍ରପତିଙ୍କର ପ୍ରାଧିକାର ଅନୁଯାୟୀ ଏତଦ୍ଦ୍ୱାରା ପ୍ରକାଶିତ ହେଉଅଛି ଏବଂ ଏହା ପ୍ରାଧିକୃତ ପାଠ (କେନ୍ଦ୍ରୀୟ ବିଧି) ଅଧିନିୟମ, 1973 (1973 ର 50) ର ଧାରା 2 ର ଖଣ୍ଡ (କ) ଅନୁଯାୟୀ ଓଡ଼ିଆ ଭାଷାରେ ସେଗୁଡ଼ିକର ପ୍ରାଧିକୃତ ପାଠ ବୋଲି ବିବେଚିତ ହେବ ।

# ସୂଚନାର ଅଧିକାର ଅଧିନିୟମ, 2005

## 2005 ର ସଂ. 22

(ତା.15 ଜୁନ୍, 2005)

ସରକାରୀ କର୍ତ୍ତୃପକ୍ଷଙ୍କ ନିୟନ୍ତ୍ରଣରେ ଥିବା ତଥ୍ୟ ସମୂହର ସୂଚନା ସଂଗ୍ରହ ପାଇଁ ନାଗରିକମାନଙ୍କର ଅଧିକାରକୁ ରୂପାୟନ କରାଇ ସେମାନଙ୍କୁ ସୂଚନା ଅଧିକାର ପ୍ରଦାନର ଏକ ବାସ୍ତବବାଦୀ ଶାସନ ପ୍ରଣାଳୀର ଆରମ୍ଭ କରିବା ଉଦ୍ଦେଶ୍ୟରେ ତଥା ପ୍ରତ୍ୟେକ ସ୍ତରରେ କାର୍ଯ୍ୟରତ ସରକାରୀ ଅଧିକାରୀମାନଙ୍କ ସ୍ୱଚ୍ଛତା ଏବଂ ଉତ୍ତରଦାୟୀତ୍ୱକୁ ପ୍ରୋତ୍ସାହିତ କରିବା ସକାଶେ, କେନ୍ଦ୍ରୀୟ ସୂଚନା ଆୟୋଗ ଓ ରାଜ୍ୟ ସୂଚନା ଆୟୋଗଗୁଡିକର ଗଠନ ଓ ଏଥିସହ ସମ୍ପୃକ୍ତ ବା ଆନୁଷଙ୍ଗିକ ବିଷୟଗୁଡିକ ନିମନ୍ତେ ବ୍ୟବସ୍ଥା କରିବା ସକାଶେ ଏକ ଅଧିନିୟମ ।

ଯେହେତୁ ଭାରତର ସମ୍ବିଧାନ ଏକ ଗଣତାନ୍ତ୍ରିକ ସାଧାରଣତନ୍ତ୍ର ପ୍ରତିଷ୍ଠା କରିଛି ;

ଏବଂ ଯେହେତୁ ଗଣତନ୍ତ୍ର, ବିଜ୍ଞ ନାଗରିକ ଓ ସୂଚନାର ସ୍ୱଚ୍ଛତା ଆବଶ୍ୟକ କରେ ଯାହାକି ଏହାର କାର୍ଯ୍ୟକାରିତା ଓ ଏଥିସହିତ ଦୁର୍ନୀତିର ନିରାକରଣ ତଥା ସରକାର ଓ ଏହାର ପରିକରଣଗୁଡ଼ିକୁ ଶାସିତମାନଙ୍କ ନିକଟରେ ଉତ୍ତରଦାୟୀ କରାଇବା ନିମନ୍ତେ ଅପରିହାର୍ଯ୍ୟ ;

ଏବଂ ଯେହେତୁ ବାସ୍ତବ କ୍ଷେତ୍ରରେ ସୂଚନାର ପ୍ରକଟୀକରଣ ସରକାରର ଦକ୍ଷ କାର୍ଯ୍ୟ ସମ୍ପାଦନ, ସୀମିତ ରାଜସ୍ୱ ସମ୍ବଳର ସର୍ବୋତ୍ତମ ଉପଯୋଗ ଏବଂ ସମ୍ବେଦନଶୀଳ ସୂଚନାର ଗୋପନୀୟତା ରକ୍ଷାକରିବା ସହ ଅନ୍ୟାନ୍ୟ ସାଧାରଣ ସ୍ୱାର୍ଥ ସମୂହର ସମ୍ଭାବ୍ୟ ବିରୁଦ୍ଧାଚରଣ କରିପାରେ ;

ଏବଂ ଯେହେତୁ ଏସବୁ ପରସ୍ପର ବିରୋଧୀ ସ୍ୱାର୍ଥକୁ ଗଣତାନ୍ତ୍ରିକ ଆଦର୍ଶର ସର୍ବୋତ୍ତମତା ସହ ସମନ୍ୱୟ ସ୍ଥାପନ କରିବା ଆବଶ୍ୟକ ;

ତେଣୁ, ବର୍ତ୍ତମାନ, ଇଚ୍ଛୁକ ବ୍ୟକ୍ତିବିଶେଷଙ୍କୁ ନିର୍ଦ୍ଦିଷ୍ଟ କେତେକ ସୂଚନା ପ୍ରଦାନ କରିବା ସମୀଚୀନ ;

ଭାରତ ଗଣରାଜ୍ୟର ଛପନତମ ବର୍ଷରେ ସଂସଦ ଦ୍ୱାରା ନିମ୍ନମତେ ଅଧିନିୟମିତ ହେଉ :–

### ଅଧ୍ୟାୟ-I

### ପ୍ରାରମ୍ଭିକ

ସଂକ୍ଷିପ୍ତ ନାମ, ବିସ୍ତାର ଏବଂ ପ୍ରାରମ୍ଭ ।

**1.** (1) ଏହି ଅଧିନିୟମ, ସୂଚନାର ଅଧିକାର ଅଧିନିୟମ, 2005 ନାମରେ ଅଭିହିତ ହେବ ।

(2) ଜାମ୍ମୁ ଏବଂ କାଶ୍ମୀର ରାଜ୍ୟ ବ୍ୟତୀତ ସମଗ୍ର ଭାରତବର୍ଷ ପ୍ରତି ଏହି ଅଧିନିୟମ ବିସ୍ତୃତ ହେବ ।

(3) ଧାରା 4 ର ଉପଧାରା (1), ଧାରା 5 ର ଉପଧାରା (1) ଓ (2), ଧାରା 12, 13, 15, 16, 24, 27 ଏବଂ 28 ର ବ୍ୟବସ୍ଥାଗୁଡିକ ତୁରନ୍ତ ବଳବତ୍ତର ହେବ ଏବଂ ଏହି ଅଧିନିୟମର ଅବଶିଷ୍ଟ ବ୍ୟବସ୍ଥାଗୁଡିକ, ଅଧିନିୟମ ପ୍ରଣୀତ ହେବାର ଏକଶତ କୋଡିଏତମ ଦିବସରେ ବଳବତ୍ତର ହେବ ।

ସଂଜ୍ଞା ।

**2.** ପ୍ରସଙ୍ଗ ଅନ୍ୟଥା ଆବଶ୍ୟକ କରୁ ନ ଥିଲେ, ଏହି ଅଧିନିୟମରେ,–

(କ) ଏକ ସରକାରୀ କର୍ତ୍ତୃପକ୍ଷ ସମ୍ପର୍କରେ ''ସମୁଚିତ ସରକାର'' ଅର୍ଥ–

(i) ଯେଉଁ ସରକାରୀ କର୍ତ୍ତୃପକ୍ଷ, କେନ୍ଦ୍ର ସରକାର ବା କେନ୍ଦ୍ରଶାସିତ ଅଞ୍ଚଳ ପ୍ରଶାସନ ଦ୍ୱାରା ପ୍ରତିଷ୍ଠିତ, ଗଠିତ, ମାଲିକାନା ପ୍ରାପ୍ତ, ନିୟନ୍ତ୍ରିତ ବା ପ୍ରତ୍ୟକ୍ଷ ଭାବେ ବା ପରୋକ୍ଷ ଭାବେ ଆର୍ଥିକ ସହାୟତା ପ୍ରାପ୍ତ ହୋଇଥାଏ, ସେ କ୍ଷେତ୍ରରେ କେନ୍ଦ୍ର ସରକାର;

(ii) ଯେଉଁ ସରକାରୀ କର୍ତ୍ତୃପକ୍ଷ, ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରତିଷ୍ଠିତ, ଗଠିତ, ମାଲିକାନା ପ୍ରାପ୍ତ, ନିୟନ୍ତ୍ରିତ ବା ପ୍ରତ୍ୟକ୍ଷ ଭାବେ ବା ପରୋକ୍ଷ ଭାବେ ଆର୍ଥିକ ସହାୟତା ପ୍ରାପ୍ତ ହୋଇଥାଏ, ସେ କ୍ଷେତ୍ରରେ ରାଜ୍ୟ ସରକାର ;

(ଖ) ''କେନ୍ଦ୍ରୀୟ ସୂଚନା ଆୟୋଗ'' ଅର୍ଥ ଧାରା 12 ର ଉପଧାରା (1) ଅନୁଯାୟୀ ଗଠିତ କେନ୍ଦ୍ରୀୟ ସୂଚନା ଆୟୋଗ ;

(ଗ) ''କେନ୍ଦ୍ରୀୟ ଲୋକ ସୂଚନା ଅଧିକାରୀ'' ଅର୍ଥ ଧାରା 5 ର ଉପଧାରା (1) ଅନୁଯାୟୀ ପଦନାମିତ କେନ୍ଦ୍ରୀୟ ଲୋକ ସୂଚନା ଅଧିକାରୀ ଏବଂ ଉକ୍ତ ଧାରାର ଉପଧାରା (2) ଅନୁଯାୟୀ ପଦନାମିତ କେନ୍ଦ୍ରୀୟ ସହାୟକ ଲୋକ ସୂଚନା ଅଧିକାରୀ ମଧ୍ୟ ଏହାର ଅନ୍ତର୍ଭୁକ୍ତ ;

(ଘ) ''ମୁଖ୍ୟ ସୂଚନା ଆୟୁକ୍ତ'' ଓ ''ସୂଚନା ଆୟୁକ୍ତ'' ଅର୍ଥ ଧାରା 12 ର ଉପଧାରା (3) ଅନୁଯାୟୀ ନିଯୁକ୍ତ ମୁଖ୍ୟ ସୂଚନା ଆୟୁକ୍ତ ଓ ସୂଚନା ଆୟୁକ୍ତ ;

(ଙ) ''ସକ୍ଷମ କର୍ତ୍ତୃପକ୍ଷ'' ଅର୍ଥ –

(i) ଲୋକସଭା କିମ୍ବା ରାଜ୍ୟ ବିଧାନସଭା କିମ୍ବା କେନ୍ଦ୍ରଶାସିତ ଅଞ୍ଚଳ ଯାହାର କି ଏପରି ବିଧାନସଭା ଅଛି ସେ କ୍ଷେତ୍ରରେ ତାହାର ବାଚସ୍ପତି ଏବଂ ରାଜ୍ୟ ପରିଷଦ କିମ୍ବା ଏକ ରାଜ୍ୟର ବିଧାନ ପରିଷଦ କ୍ଷେତ୍ରରେ, ତାହାର ଅଧ୍ୟକ୍ଷ ;

(ii) ଉଚ୍ଚତମ ନ୍ୟାୟାଳୟ କ୍ଷେତ୍ରରେ ଭାରତର ମୁଖ୍ୟ ବିଚାରପତି ;

(iii) ଏକ ଉଚ୍ଚ ନ୍ୟାୟାଳୟ କ୍ଷେତ୍ରରେ ଉଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତି ;

(iv) ସମ୍ବିଧାନ ଦ୍ୱାରା କିମ୍ବା ସମ୍ବିଧାନ ଅନୁଯାୟୀ ପ୍ରତିଷ୍ଠିତ କିମ୍ବା ଗଠିତ ଅନ୍ୟାନ୍ୟ କର୍ତ୍ତୃପକ୍ଷଙ୍କ କ୍ଷେତ୍ରରେ, ଯଥାସ୍ଥିତି, ରାଷ୍ଟ୍ରପତି କିମ୍ବା ରାଜ୍ୟପାଳ ;

(v) ସମ୍ବିଧାନର ଅନୁଚ୍ଛେଦ 239 ଅନୁଯାୟୀ ନିଯୁକ୍ତ ପ୍ରଶାସକ ;

(ଚ) ''ସୂଚନା'' ଅର୍ଥ ଯେକୌଣସି ପ୍ରକାରରେ ଯେକୌଣସି ଜିନିଷ ଏବଂ ଏଥିରେ ରେକର୍ଡ, ଦସ୍ତାବିଜ, ମେମୋ, ଇ-ମେଲ୍, ମତାମତ, ପରାମର୍ଶ, ପ୍ରେସ୍ ରିଲିଜ୍, ସର୍କୁଲାର, ଆଦେଶନାମା, ଲଗ୍ ବହି, ଚୁକ୍ତି, ରିପୋର୍ଟ, କାଗଜପତ୍ର, ନମୁନା, ମଡେଲ, ଇଲେକ୍ଟ୍ରୋନିକ୍ ବ୍ୟବସ୍ଥାରେ ଥିବା ତଥ୍ୟାବଳୀ ଏବଂ ତତ୍‌ସମୟେ ପ୍ରବୃତ୍ତ ଅନ୍ୟ କୌଣସି ବିଧି ଅନୁଯାୟୀ ସରକାରୀ କର୍ତ୍ତୃପକ୍ଷଙ୍କ ଦ୍ୱାରା ପ୍ରାପ୍ତ ହୋଇପାରିବା ଭଳି ଯେକୌଣସି ବେସରକାରୀ ସଂସ୍ଥା ସମ୍ପର୍କିତ ସୂଚନା ମଧ୍ୟ ଅନ୍ତର୍ଭୁକ୍ତ ଅଟେ ;

(ଛ) ''ବିହିତ'' ଅର୍ଥ ଯଥାସ୍ଥିତି, ସମୁଚିତ ସରକାର ବା ସକ୍ଷମ କର୍ତ୍ତୃପକ୍ଷଙ୍କ ଦ୍ୱାରା ଏହି ଅଧିନିୟମ ଅନୁଯାୟୀ ପ୍ରଣୀତ ନିୟମାବଳୀ ଦ୍ୱାରା ବିହିତ ;

(ଜ) ''ସରକାରୀ କର୍ତ୍ତୃପକ୍ଷ'' ଅର୍ଥ ଯେକୌଣସି କର୍ତ୍ତୃପକ୍ଷ ବା ସଂସ୍ଥା ବା ସ୍ୱାୟତ୍ତଶାସନ ଅନୁଷ୍ଠାନ ଯାହା କି –

(କ) ସମ୍ବିଧାନ ଦ୍ୱାରା ବା ସମ୍ବିଧାନ ଅନୁଯାୟୀ ;

(ଖ) ସଂସଦ ଦ୍ୱାରା ପ୍ରଣୀତ ଅନ୍ୟ କୌଣସି ବିଧି ଦ୍ୱାରା ;

(ଗ) ରାଜ୍ୟ ବିଧାନ ମଣ୍ଡଳ ଦ୍ୱାରା ପ୍ରଣୀତ ଅନ୍ୟ କୌଣସି ବିଧି ଦ୍ୱାରା ;

(ଘ) ସମୁଚିତ ସରକାରଙ୍କ ଦ୍ୱାରା ଜାରି ହୋଇଥିବା ଅଧିସୂଚନା ବା ଦିଆଯାଇଥିବା ନିର୍ଦ୍ଦେଶନାମା ଦ୍ୱାରା ପ୍ରତିଷ୍ଠା ବା ଗଠନ କରାଯାଇଥିବା ଏବଂ ଏଥିରେ ନିମ୍ନୋକ୍ତ ସଂସ୍ଥାମାନ ମଧ୍ୟ ଅନ୍ତର୍ଭୁକ୍ତ –

(i) ସମୁଚିତ ସରକାରଙ୍କ ଦ୍ୱାରା ପ୍ରତ୍ୟକ୍ଷ ଭାବରେ ବା ପରୋକ୍ଷ ଭାବରେ ଅର୍ଥ ଯୋଗାଇ ଦିଆଯାଉଥିବା କୌଣସି ସ୍ୱମାଲିକାନା ପ୍ରାପ୍ତ, ସୁନିୟନ୍ତିତ ବା ଆର୍ଥିକ ସହାୟତା ପ୍ରାପ୍ତ ନିକାୟ ;

(ii) ସମୁଚିତ ସରକାରଙ୍କ ଦ୍ୱାରା ପ୍ରତ୍ୟକ୍ଷ ଭାବରେ ବା ପରୋକ୍ଷ ଭାବରେ ଅର୍ଥ ଯୋଗାଇ ଦିଆଯାଉଥିବା କୌଣସି ଆର୍ଥିକ ସହାୟତା ପ୍ରାପ୍ତ ବେସରକାରୀ ସଙ୍ଗଠନ ;

(ଝ) 'ରେକର୍ଡ' ଅର୍ଥରେ ଅନ୍ତର୍ଭୁକ୍ତ ହେବ –

(କ) ଯେ କୌଣସି ଦସ୍ତାବିଜ, ପାଣ୍ଡୁଲିପି ଏବଂ ନଥିପତ୍ର ;

(ଖ) ଯେ କୌଣସି ଦସ୍ତାବିଜର ମାଇକ୍ରୋଫିଲମ୍, ମାଇକ୍ରୋଫିଚ୍ ଏବଂ ପ୍ରତିଛବି ;

(ଗ) ସେପରି ମାଇକ୍ରୋଫିଲମ୍‌ରେ ଚିତ୍ରିତ ପ୍ରତିଛବି ବା ପ୍ରତିଛବିଗୁଡିକର ଯେ କୌଣସି ପୁନଃ ପ୍ରସ୍ତୁତି (ତାହା ବର୍ଦ୍ଧିତ ହୋଇଥାଉ କି ନ ହୋଇଥାଉ) ; ଏବଂ

(ଘ) କମ୍ପ୍ୟୁଟର କିମ୍ବା ଅନ୍ୟ ଯେ କୌଣସି ଯନ୍ତ୍ର ଦ୍ୱାରା ପ୍ରସ୍ତୁତ ଅନ୍ୟାନ୍ୟ ଜିନିଷ ;

(ଞ) ''ସୂଚନାର ଅଧିକାର'' ଅର୍ଥ କୌଣସି ସରକାରୀ କର୍ତ୍ତୃପକ୍ଷ ରଖିଥିବା ବା ତାଙ୍କ ନିୟନ୍ତ୍ରଣରେ ଥିବା ଏପରି କୌଣସି ସୂଚନା ଯାହାକି ଏହି ଅଧିନିୟମ ଅନୁଯାୟୀ ପ୍ରାପ୍ତ ହୋଇପାରିବ ଏବଂ ଏଥିରେ ନିମ୍ନଲିଖିତ ଅଧିକାରମାନ ଅନ୍ତର୍ଭୁକ୍ତ –

(i) କାର୍ଯ୍ୟ, ଦସ୍ତାବିଜ, ରେକର୍ଡ ନିରୀକ୍ଷଣ କରିବା ;

(ii) ଦସ୍ତାବିଜ ବା ରେକର୍ଡର ନୋଟ୍, ଉଦ୍ଧୃତାଂଶ ବା ପ୍ରମାଣିତ ନକଲ ନେବା ;

(iii) କୌଣସି ଜିନିଷର ପ୍ରାମାଣିକ ନମୁନା ନେବା ;

(iv) ଯେବେ କମ୍ପ୍ୟୁଟର କିମ୍ବା ଅନ୍ୟ କୌଣସି ଯନ୍ତ୍ରରେ କୌଣସି ସୂଚନାକୁ ସଂରକ୍ଷିତ କରି ରଖାଯାଇଥାଏ ତେବେ ଉକ୍ତ ସଂରକ୍ଷିତ ସୂଚନାର ଡିସ୍କ, ଫ୍ଲପି, ଟେପ୍, ଭିଡିଓ କ୍ୟାସେଟ୍ କିମ୍ବା ଅନ୍ୟ ଯେ କୌଣସି ଇଲେକ୍ଟ୍ରୋନିକ୍ ପଦ୍ଧତି କିମ୍ବା ଛପା ନକଲ ଆକାରରେ ସୂଚନା, ନେବା ;

(ଟ) ''ରାଜ୍ୟ ସୂଚନା ଆୟୋଗ'' ଅର୍ଥ ଧାରା 15ର ଉପଧାରା (1) ଅନୁଯାୟୀ ଗଠିତ ରାଜ୍ୟ ସୂଚନା ଆୟୋଗ ;

(ଠ) ''ରାଜ୍ୟ ମୁଖ୍ୟ ସୂଚନା ଆୟୁକ୍ତ'' ଏବଂ ''ରାଜ୍ୟ ସୂଚନା ଆୟୁକ୍ତ'' ଅର୍ଥ ଧାରା 15 ର ଉପ-ଧାରା (3) ଅନୁଯାୟୀ ନିଯୁକ୍ତ ରାଜ୍ୟ ମୁଖ୍ୟ ସୂଚନା ଆୟୁକ୍ତ ଏବଂ ରାଜ୍ୟ ସୂଚନା ଆୟୁକ୍ତ ;

(ଡ) ''ରାଜ୍ୟ ଲୋକ ସୂଚନା ଅଧିକାରୀ'' ଅର୍ଥ ଧାରା 5 ର ଉପଧାରା (1) ଅନୁଯାୟୀ ପଦନାମିତ ରାଜ୍ୟ ଲୋକ ସୂଚନା ଅଧିକାରୀ ଏବଂ ଉକ୍ତ ଧାରାର ଉପଧାରା (2) ଅନୁଯାୟୀ ପଦନାମିତ ରାଜ୍ୟ ସହାୟକ ଲୋକ ସୂଚନା ଅଧିକାରୀ, ମଧ୍ୟ ଏହାର ଅନ୍ତର୍ଭୁକ୍ତ ;

(ଢ) ''ତୃତୀୟ ପକ୍ଷ'' ଅର୍ଥ ସୂଚନା ପାଇଁ ଅନୁରୋଧ କରୁଥିବା ନାଗରିକଙ୍କ ଭିନ୍ନ ଅନ୍ୟ ଜଣେ ବ୍ୟକ୍ତି ଏବଂ ଏକ ସରକାରୀ କର୍ତ୍ତୃପକ୍ଷ, ଏହାର ଅନ୍ତର୍ଭୁକ୍ତ ।

## ଅଧ୍ୟାୟ II

## ସୂଚନାର ଅଧିକାର ଏବଂ ସରକାରୀ କର୍ତ୍ତୃପକ୍ଷଙ୍କ କର୍ତ୍ତବ୍ୟ

ସୂଚନାର ଅଧିକାର ।

**3.** ଏହି ଅଧିନିୟମର ବ୍ୟବସ୍ଥାଗୁଡିକ ପ୍ରତିସାପେକ୍ଷ ରହି, ସମସ୍ତ ନାଗରିକଙ୍କର ସୂଚନା ପାଇବାର ଅଧିକାର ରହିଛି ।

ସରକାରୀ କର୍ତ୍ତୃପକ୍ଷଙ୍କ କର୍ତ୍ତବ୍ୟ ।

**4.** (1) ପ୍ରତ୍ୟେକ ସରକାରୀ କର୍ତ୍ତୃପକ୍ଷ –

(କ) ତାଙ୍କର ସମସ୍ତ ରେକର୍ଡଗୁଡିକୁ ସଠିକ କ୍ରମରେ ତାଲିକାଭୁକ୍ତ କରି ଏପରି ଭାବରେ ଓ ଏପରି ରୀତିରେ ସଜାଇ ରଖିବେ ଯେପରି କି ଏହି ଅଧିନିୟମ ଅନୁଯାୟୀ ସୂଚନା ଅଧିକାରକୁ ସହଜଲବ୍ଧ କରାଯାଇ ପାରିବ ଏବଂ ଆବଶ୍ୟକୀୟ ରେକର୍ଡଗୁଡିକ, ସମ୍ବଳକୁ ଦୃଷ୍ଟିରେ ରଖି ଯୁକ୍ତିଯୁକ୍ତ ସମୟସୀମା ମଧ୍ୟରେ କମ୍ପ୍ୟୁଟରୀକରଣ ବ୍ୟବସ୍ଥା କରିବେ, ତଥ୍ୟକୁ ସହଜରେ ପାଇବା ପାଇଁ ବିଭିନ୍ନ ବ୍ୟବସ୍ଥା ମାଧ୍ୟମରେ ସାରା ଦେଶରେ ନେଟ୍‌ୱାର୍କ ଜରିଆରେ ଏହାକୁ ପ୍ରସାର କରିବେ ।

(ଖ) ଏହି ଅଧିନିୟମ ପ୍ରଣୀତ ହେବା ଦିନଠାରୁ ଏକଶତ କୋଡିଏ ଦିନ ମଧ୍ୟରେ ନିମ୍ନୋକ୍ତ ବିଷୟଗୁଡିକୁ ପ୍ରକାଶ କରିବେ, –

(i) ନିଜ ସଂସ୍ଥାର ସବିଶେଷ ବିବରଣୀ, କୃତ୍ୟ ଏବଂ କର୍ତ୍ତବ୍ୟ ;

(ii) ଏହାର ଅଧିକାରୀ ବୃନ୍ଦ ଏବଂ କର୍ମଚାରୀମାନଙ୍କର କ୍ଷମତା ଓ କର୍ତ୍ତବ୍ୟ ;

(iii) ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାରେ ଅନୁସୃତ ପଦ୍ଧତି, ତଥା ତଦାରଖ ଓ ଉତ୍ତରଦାୟିତ୍ୱର ବିଭିନ୍ନ ସ୍ତର ;

(iv) ଏହାର କୃତ୍ୟ ସମ୍ପାଦନ ପାଇଁ ଧାର୍ଯ୍ୟ ରୀତି ;

(v) ନିଜେ ରଖିଥିବା କିମ୍ବା ନିଜ ନିୟନ୍ତ୍ରଣରେ ଥିବା କିମ୍ବା ନିଜ କର୍ମଚାରୀ ବୃନ୍ଦ, କୃତ୍ୟ ସମ୍ପାଦନ ସମୟରେ ବ୍ୟବହାର କରୁଥିବା ନିୟମାବଳୀ, ଅନୁଦେଶାବଳୀ, ନିୟମ ପୁସ୍ତିକା ଏବଂ ରେକର୍ଡ ;

(vi) ଏହି ସଂସ୍ଥାରେ ରହିଥିବା କିମ୍ବା ଏହାର ନିୟନ୍ତ୍ରଣରେ ଥିବା ବିଭିନ୍ନ ବର୍ଗର ଦସ୍ତାବିଜ୍‌ର ଏକ ବିବରଣୀ ;

(vii) ଏହାର ନୀତି କିମ୍ବା କାର୍ଯ୍ୟାନ୍ୱୟନ ସଂପର୍କରେ ଜନସାଧାରଣ ଯେପରି ପରାମର୍ଶ ବା ଆବେଦନ କରିପାରିବେ ସେଥିପାଇଁ ଥିବା ଯେକୌଣସି ବ୍ୟବସ୍ଥାର ସବିଶେଷ ବିବରଣୀ ;

(viii) ଏହାର ଅଂଶ ସ୍ୱରୂପ ବା ଏହାର ପରାମର୍ଶ ଉଦ୍ଦେଶ୍ୟରେ ଦୁଇ ବା ତତୋଧିକ ବ୍ୟକ୍ତିଙ୍କୁ ନେଇ ଗଠିତ ବୋର୍ଡ, ପରିଷଦ, କମିଟି ଓ ଅନ୍ୟ ନିକାୟଗୁଡିକ ସଂପର୍କରେ ଏକ ବିବରଣୀ ଏବଂ ଉକ୍ତ ବୋର୍ଡ, ପରିଷଦ, କମିଟି ଓ ଅନ୍ୟ ନିକାୟଗୁଡିକର ବୈଠକଗୁଡିକ ସର୍ବସାଧାରଣଙ୍କ ନିମନ୍ତେ ଉନ୍ମୁକ୍ତ କି ନୁହେଁ ବା ଉକ୍ତ ବୈଠକର କାର୍ଯ୍ୟ ବିବରଣୀ ଜନସାଧାରଣଙ୍କୁ ଉପଲବ୍ଧ ହେବ କି ନାହିଁ ସେ ସଂପର୍କରେ ଏକ ବିବରଣୀ ;

(ix) ଏହାର ଅଧିକାରୀ ଏବଂ କର୍ମଚାରୀଙ୍କ ପଦବୀ ଓ ନାମ ପଞ୍ଜିକା ;

(x) ଏହାର ବିନିୟମାବଳୀରେ ଥିବା କ୍ଷତିପୂରଣ ବ୍ୟବସ୍ଥା ସମେତ ପ୍ରତ୍ୟେକ ଅଧିକାରୀ ଓ କର୍ମଚାରୀ ଗ୍ରହଣ କରୁଥିବା ମାସିକ ପାରିଶ୍ରମିକ ;

(xi) ଏହାର ପ୍ରତ୍ୟେକ ଏଜେନ୍ସି ପାଇଁ ଆବଣ୍ଟନ ହୋଇଥିବା ବଜେଟ୍ ଯହିଁରେ ସମସ୍ତ ଯୋଜନା, ପ୍ରସ୍ତାବିତ ଖର୍ଚ୍ଚ ଏବଂ ହୋଇଥିବା ଖର୍ଚ୍ଚର ବିବରଣୀ ସୂଚିତ ହୋଇଥିବ ;

(xii) ସବ୍‌ସିଡି କାର୍ଯ୍ୟକ୍ରମଗୁଡିକ ପାଇଁ ହୋଇଥିବା ଅର୍ଥ ଆବଣ୍ଟନର ବିବରଣୀ ଏବଂ ଉକ୍ତ କାର୍ଯ୍ୟକ୍ରମଗୁଡିକର ହିତାଧିକାରୀମାନଙ୍କର ବିଶଦବିବରଣୀ ସମେତ ଉକ୍ତ କାର୍ଯ୍ୟକ୍ରମଗୁଡିକୁ କାର୍ଯ୍ୟକାରୀ କରିବାର ପ୍ରଣାଳୀ ;

(xiii) ଏହା ଦ୍ୱାରା ମଂଜୁର ହୋଇଥିବା ରିହାତି, ପରମିଟ୍ ବା ପ୍ରାଧିକାର ଗ୍ରହୀତାମାନଙ୍କର ସବିଶେଷ ବିବରଣୀ ;

(xiv) ଇଲେକ୍‌ଟ୍ରୋନିକ୍‌ସ ମାଧ୍ୟମରେ ତାହାଙ୍କ ନିକଟରେ ଥିବା କିମ୍ବା ଉପଲବ୍ଧ ସୂଚନାଗୁଡିକର ବିଶଦବିବରଣୀ ;

(xv) ସୂଚନା ପାଇବା ସକାଶେ ନାଗରିକମାନଙ୍କୁ ଯୋଗାଇ ଦିଆଯାଇଥିବା ପାଠାଗାର ବା ପଠନ ଗୃହର କାର୍ଯ୍ୟ ସମୟ, ଯଦି ତାହା ଜନସାଧାରଣଙ୍କ ପାଇଁ ଉଦ୍ଦିଷ୍ଟ ;

(xvi) ଲୋକ ସୂଚନା ଅଧିକାରୀଙ୍କ ନାମ, ପଦନାମ ଓ ଅନ୍ୟାନ୍ୟ ସବିଶେଷ ବିବରଣୀ ;

(xvii) ଯେପରି ବିହିତ ହୋଇପାରେ ସେପରି ଅନ୍ୟାନ୍ୟ ସୂଚନା,

ଏବଂ ଏହାପରେ ପ୍ରତିବର୍ଷ ଏହି ପ୍ରକାଶନଗୁଡିକୁ ଅଦ୍ୟତନ କରିବେ ;

(ଗ) ଗୁରୁତ୍ୱପୂର୍ଣ୍ଣ ନୀତିନିୟମ ନିର୍ଦ୍ଧାରଣ କିମ୍ବା ଜନତାଙ୍କୁ ପ୍ରଭାବିତ କରୁଥିବା ନିଷ୍ପତ୍ତିଗୁଡିକର ଘୋଷଣା କଲାବେଳେ ସମସ୍ତ ସୁସଂଗତ ତଥ୍ୟ ପ୍ରକାଶ କରିବେ ;

(ଘ) ପ୍ରଭାବିତ ହେଉଥିବା ବ୍ୟକ୍ତିବିଶେଷମାନଙ୍କୁ ଏହାର ପ୍ରଶାସନିକ କିମ୍ବା ନ୍ୟାୟିକ କଳ୍ପ ନିଷ୍ପତ୍ତିଗୁଡିକର କାରଣ ଦର୍ଶାଇବେ ।

(2) ପ୍ରତ୍ୟେକ ସରକାରୀ କର୍ତ୍ତୃପକ୍ଷ ଉପଧାରା (I) ର ଖଣ୍ଡ (ଖ) ର ଆବଶ୍ୟକତା ଅନୁଯାୟୀ ଇଣ୍ଟରନେଟ୍ ସମେତ ବିଭିନ୍ନ ଯୋଗାଯୋଗ ମାଧ୍ୟମ ଦ୍ୱାରା ନିୟମିତ ବ୍ୟବଧାନରେ ନିଜ ତରଫରୁ ଜନସାଧାରଣଙ୍କୁ ଯେତେଦୂର ସମ୍ଭବ ସୂଚନା ଦେବାପାଇଁ ନିରବଚ୍ଛିନ୍ନ ପ୍ରୟାସ ଜାରି ରଖିବେ, ଯାହାଫଳରେ କି ଜନସାଧାରଣ ଏହି ଅଧିନିୟମ ବ୍ୟବହାର କରି ସୂଚନା ପାଇବା ପାଇଁ କମ୍ ପ୍ରୟାସ କରିବେ ।

(3) ଉପଧାରା (I) ଉଦ୍ଦେଶ୍ୟରେ ପ୍ରତ୍ୟେକ ସୂଚନା ଏପରି ବିସ୍ତୃତ ଭାବରେ ଓ ଏପରି ରୀତିରେ ପ୍ରସାର ହେବ ଯାହାକି ଜନସାଧାରଣଙ୍କୁ ସହଜରେ ମିଳିପାରିବ ।

(4) ପ୍ରକୃତ ମୂଲ୍ୟ, ସ୍ଥାନୀୟ ଭାଷା ଏବଂ ସେସବୁ ଅଞ୍ଚଳରେ ଯୋଗାଯୋଗର ସର୍ବାଧିକ ସକ୍ରିୟ ମାଧ୍ୟମକୁ ବିଚାରକୁ ନେଇ ସମସ୍ତ ତଥ୍ୟ ପ୍ରସାର ହେବ ଏବଂ ଯଥାସ୍ଥିତି, କେନ୍ଦ୍ରୀୟ ଲୋକ ସୂଚନା ଅଧିକାରୀ ବା ରାଜ୍ୟ ଲୋକ ସୂଚନା ଅଧିକାରୀଙ୍କ ଦ୍ୱାରା ଯେତେଦୂର ସମ୍ଭବ ଇଲେକ୍‌ଟ୍ରୋନିକ୍ ମାଧ୍ୟମରେ ସୂଚନାଟି ଯେପରି ବିହିତ ହୋଇପାରେ ସେପରି ଭାବରେ ମାଗଣାରେ କିମ୍ବା ସୁଲଭ ମୂଲ୍ୟରେ କିମ୍ବା ଛପାମୂଲ୍ୟ ବିନିମୟରେ ସହଜରେ ଉପଲବ୍ଧ ହେବ ।

**ସ୍ପଷ୍ଟୀକରଣ** – ଉପଧାରା (3) ଏବଂ (4) ଉଦ୍ଦେଶ୍ୟରେ 'ତଥ୍ୟ ପ୍ରସାର' ର ଅର୍ଥ ସରକାରୀ କର୍ତ୍ତୃପକ୍ଷଙ୍କ କାର୍ଯ୍ୟାଳୟ ପରିଦର୍ଶନ ସମେତ ନୋଟିସ୍‌ବୋର୍ଡ, ଖବରକାଗଜ, ସର୍ବସାଧାରଣରେ ଘୋଷଣା, ଗଣମାଧ୍ୟମରେ ପ୍ରଚାର, ଇଣ୍ଟରନେଟ୍ ବା ଅନ୍ୟାନ୍ୟ ମାଧ୍ୟମରେ ଜନସାଧାରଣଙ୍କୁ ସୂଚନା ଜଣାଇବା ବା ପହଞ୍ଚାଇବା ।

ଲୋକ ସୂଚନା ଅଧିକାରୀଭାବେ ପଦନାମିତ କରିବା ।

**5.** (1) ଏହି ଅଧିନିୟମ ଅନୁଯାୟୀ ସୂଚନା ପାଇବା ନିମନ୍ତେ ଆବେଦନକାରୀମାନଙ୍କୁ ସୂଚନା ଯୋଗାଇଦେବାପାଇଁ ପ୍ରତ୍ୟେକ ସରକାରୀ କର୍ତ୍ତୃପକ୍ଷ ଏହି ଅଧିନିୟମ ଲାଗୁ ହେବାର ଏକଶତ ଦିନ ମଧ୍ୟରେ ତାଙ୍କ କର୍ତ୍ତୃତ୍ୱାଧୀନ ପ୍ରଶାସନିକ ଶାଖା ଓ କାର୍ଯ୍ୟାଳୟମାନଙ୍କରେ ଆବଶ୍ୟକ ସଂଖ୍ୟକ ଅଧିକାରୀମାନଙ୍କୁ ଯଥାସ୍ଥିତି, କେନ୍ଦ୍ରୀୟ ଲୋକ ସୂଚନା ଅଧିକାରୀ ବା ରାଜ୍ୟ ଲୋକ ସୂଚନା ଅଧିକାରୀ ରୂପେ ପଦନାମିତ କରିବେ ।

(2) ଏହି ଅଧିନିୟମ ଲାଗୁ ହେବାର ଏକଶତ ଦିନ ମଧ୍ୟରେ ଉପଧାରା (1) ରେ ଥିବା ବ୍ୟବସ୍ଥାଗୁଡିକ ପ୍ରତି ପ୍ରତିକୂଳ ପ୍ରଭାବ ନ ପକାଇ, ପ୍ରତ୍ୟେକ ସରକାରୀ କର୍ତ୍ତୃପକ୍ଷ ପ୍ରତ୍ୟେକ ଉପ ଖଣ୍ଡ କିମ୍ବା ଉପ ଜିଲ୍ଲାସ୍ତରରେ ଜଣେ ଅଧିକାରୀଙ୍କୁ, ଯଥାସ୍ଥିତି, କେନ୍ଦ୍ରୀୟ ସହାୟକ ଲୋକ ସୂଚନା ଅଧିକାରୀ ବା ରାଜ୍ୟ ସହାୟକ ଲୋକ ସୂଚନା ଅଧିକାରୀ ଭାବେ ପଦନାମିତ କରିବେ, ଯେଉଁମାନେ କି ଏହି ଅଧିନିୟମ ଅନୁଯାୟୀ ସୂଚନା ବା ଅପିଲ ନିମନ୍ତେ ଆବେଦନକାରୀମାନଙ୍କ ଦରଖାସ୍ତ ଗ୍ରହଣ କରି ତାହା ଯଥାସ୍ଥିତି, କେନ୍ଦ୍ରୀୟ ଲୋକ ସୂଚନା ଅଧିକାରୀ ବା ରାଜ୍ୟ ଲୋକ ସୂଚନା ଅଧିକାରୀ ବା ଧାରା 19ର ଉପଧାରା (1)ରେ ବିନିର୍ଦ୍ଦିଷ୍ଟ ବରିଷ୍ଠ ଅଧିକାରୀ, କେନ୍ଦ୍ର ସୂଚନା ଆୟୋଗ ବା ରାଜ୍ୟ ସୂଚନା ଆୟୋଗଙ୍କ ନିକଟକୁ ଯଥାଶୀଘ୍ର ପଠାଇବେ :

ପରନ୍ତୁ କେନ୍ଦ୍ରୀୟ ସହାୟକ ଲୋକ ସୂଚନା ଅଧିକାରୀ ବା ଯଥାସ୍ଥିତି, ରାଜ୍ୟ ସହାୟକ ଲୋକ ସୂଚନା ଅଧିକାରୀଙ୍କ ସମକ୍ଷରେ ସୂଚନା ନିମିତ୍ତ ଆବେଦନ ବା ଅପିଲ ଦାଖଲ କରାଗଲେ, ଧାରା 7ର ଉପଧାରା (1) ଅନୁଯାୟୀ ଉତ୍ତର ଦିଆଯିବା ପାଇଁ ଯେଉଁ ସମୟ ଧାର୍ଯ୍ୟ ହୋଇଛି ତହିଁରେ ଆଉ ପାଞ୍ଚ ଦିନ ଅଧିକା ଯୋଗ କରାଯିବ ।

(3) ପ୍ରତ୍ୟେକ କେନ୍ଦ୍ରୀୟ ଲୋକସୂଚନା ଅଧିକାରୀ ବା ଯଥାସ୍ଥିତି, ରାଜ୍ୟ ଲୋକସୂଚନା ଅଧିକାରୀ, ସୂଚନା ପାଇଁ ଅନୁରୋଧ କରୁଥିବା ବ୍ୟକ୍ତିଙ୍କ ବିଷୟ ବିଚାର କରିବେ ଓ ତାଙ୍କୁ ଯୁକ୍ତିଯୁକ୍ତ ସାହାଯ୍ୟ ସହଯୋଗ କରିବେ ।

(4) ନିଜର କର୍ତ୍ତବ୍ୟ ସଠିକ୍ ଭାବେ ନିର୍ବାହ କରିବା ଉଦ୍ଦେଶ୍ୟରେ, ଯଥାସ୍ଥିତି, କେନ୍ଦ୍ରୀୟ ଲୋକ ସୂଚନା ଅଧିକାରୀ ବା ରାଜ୍ୟ ଲୋକ ସୂଚନା ଅଧିକାରୀ, ଆବଶ୍ୟକ ମନେକରିବା ମତେ ଅନ୍ୟ ଯେକୌଣସି ଅଧିକାରୀଙ୍କ ସହାୟତା ଲୋଡି ପାରିବେ ।

(5) ଉପଧାରା (4) ଅନୁଯାୟୀ ଯେଉଁ ଅଧିକାରୀମାନଙ୍କ ସହାୟତା ଲୋଡାଯିବ ସେମାନେ ଯଥାସ୍ଥିତି, କେନ୍ଦ୍ରୀୟ ଲୋକ ସୂଚନା ଅଧିକାରୀ ବା ରାଜ୍ୟ ଲୋକ ସୂଚନା ଅଧିକାରୀଙ୍କୁ ଆବଶ୍ୟକୀୟ ସମସ୍ତ ସହାୟତା ଯୋଗାଇ ଦେବେ ଏବଂ ଏହି ଅଧିନିୟମର କୌଣସି ବ୍ୟବସ୍ଥା ଉଲ୍ଲଂଘନ ଉଦ୍ଦେଶ୍ୟରେ, ସେହି ଅନ୍ୟ ଅଧିକାରୀ, ଯଥାସ୍ଥିତି, କେନ୍ଦ୍ରୀୟ ଲୋକ ସୂଚନା ଅଧିକାରୀ ବା ରାଜ୍ୟ ଲୋକ ସୂଚନା ଅଧିକାରୀ ଭାବେ ବିବେଚିତ ହେବେ ।

ସୂଚନା ପାଇଁ ଆବେଦନ ।

6 (1) ଏହି ଅଧିନିୟମ ଅନୁଯାୟୀ କୌଣସି ସୂଚନା ପାଇବାକୁ ଇଚ୍ଛୁକ ଜଣେ ବ୍ୟକ୍ତି ଇଂରାଜୀ ବା ହିନ୍ଦୀ କିମ୍ବା ସ୍ଥାନୀୟ ସରକାରୀ ଭାଷାରେ ଲିଖିତ ଆକାରରେ ବା ଇଲେକ୍ଟ୍ରୋନିକ୍ସ ମାଧ୍ୟମରେ ନିର୍ଦ୍ଧାରିତ ଫିସ୍ ସହ—

(କ) ସଂପୃକ୍ତ ସରକାରୀ କର୍ତ୍ତୃପକ୍ଷଙ୍କ ଯଥାସ୍ଥିତି, କେନ୍ଦ୍ରୀୟ ଲୋକ ସୂଚନା ଅଧିକାରୀ ବା ରାଜ୍ୟ ଲୋକ ସୂଚନା ଅଧିକାରୀଙ୍କ ନିକଟକୁ ;

(ଖ) କେନ୍ଦ୍ରୀୟ ସହାୟକ ଲୋକ ସୂଚନା ଅଧିକାରୀ ବା ରାଜ୍ୟ ସହାୟକ ଲୋକ ସୂଚନା ଅଧିକାରୀଙ୍କ ନିକଟକୁ,

ସେ କି ପ୍ରକାର ସୂଚନା ଚାହୁଁଛନ୍ତି ତାହା ଦର୍ଶାଇ ଆବେଦନ କରି ପାରିବେ :

ପରନ୍ତୁ ଯେଉଁ କ୍ଷେତ୍ରରେ ଲିଖିତ ଆବେଦନ କରାଯାଇପାରିବ ନାହିଁ ସେ କ୍ଷେତ୍ରରେ ଯଥାସ୍ଥିତି, କେନ୍ଦ୍ରୀୟ ଲୋକ ସୂଚନା ଅଧିକାରୀ ବା ରାଜ୍ୟ ଲୋକ ସୂଚନା ଅଧିକାରୀ ଆବେଦନକାରୀଙ୍କୁ ଯଥାସମ୍ଭବ ସାହାଯ୍ୟ ସହଯୋଗ କରି ତାଙ୍କର ମୌଖିକ ଆବେଦନକୁ ଲେଖି ରଖିବେ ।

(2) ସୂଚନା ଚାହୁଁଥିବା ବ୍ୟକ୍ତିବିଶେଷ ଆବେଦନର କାରଣ ସମ୍ପର୍କରେ ଉଲ୍ଲେଖ କରିବାର ଆବଶ୍ୟକତା ନାହିଁ କିମ୍ବା ତାଙ୍କର ଯୋଗାଯୋଗର ଠିକଣାକୁ ବାଦଦେଲେ ଅନ୍ୟ କୌଣସି ବ୍ୟକ୍ତିଗତ ବିବରଣୀ ଦର୍ଶାଇବା ମଧ୍ୟ ଆବଶ୍ୟକ ନାହିଁ ।

(3) ଯେବେ ଏକ ସରକାରୀ କର୍ତ୍ତୃପକ୍ଷଙ୍କୁ ଏପରି କୌଣସି ସୂଚନା ନିମନ୍ତେ ଆବେଦନ କରାଯା ଯାହାକି—

(i) ଅନ୍ୟ କୌଣସି ସରକାରୀ କର୍ତ୍ତୃପକ୍ଷଙ୍କ ଦାୟିତ୍ୱରେ ଥିବ; ବା

(ii) ଆବେଦନର ବିଷୟବସ୍ତୁ ଅନ୍ୟ କୌଣସି ସରକାରୀ କର୍ତ୍ତୃପକ୍ଷଙ୍କ କାର୍ଯ୍ୟ ସହ ସମ୍ପୃକ୍ତ ଥିବ,

ତେବେ ଆବେଦନ ଗ୍ରହଣ କରିଥିବା ଅଧିକାରୀ ଆବେଦନପତ୍ରଟି ଆବଶ୍ୟକ ହେବା ମତେ ସମ୍ପୂର୍ଣ୍ଣ ବା ଆଂଶିକ ଭାବେ ସମ୍ପୃକ୍ତ ଅନ୍ୟ ସରକାରୀ କର୍ତ୍ତୃପକ୍ଷଙ୍କ ନିକଟକୁ ପଠାଇ ଏ ସମ୍ପର୍କରେ ଆବେଦନକାରୀଙ୍କୁ ତତ୍କ୍ଷଣାତ୍ ଅବଗତ କରାଇବେ :

ପରନ୍ତୁ ଏହି ଉପଧାରା ଅନୁସାରେ ଆବେଦନକୁ ଯଥାଶୀଘ୍ର ଏପରି ଭାବେ ହସ୍ତାନ୍ତର କରିବାକୁ ହେବ ଯେପରିକି କୌଣସି କ୍ଷେତ୍ରରେ ଏହି ହସ୍ତାନ୍ତର ପ୍ରକ୍ରିୟା ଦରଖାସ୍ତ ମିଳିବାର ପାଞ୍ଚଦିନରୁ ଅଧିକ ବିଳମ୍ବ ହେବନାହିଁ ।

ଆବେଦନର ଫଏସଲା ।

7. (1) ଧାରା 5 ର ଉପଧାରା (2) କିମ୍ବା ଧାରା 6 ର ଉପଧାରା (3)ର ବ୍ୟବସ୍ଥାଗୁଡିକ ପ୍ରତି ସାପେକ୍ଷ ରହି, ଯଥାସ୍ଥିତି, କେନ୍ଦ୍ରୀୟ ଲୋକ ସୂଚନା ଅଧିକାରୀ ବା ରାଜ୍ୟ ଲୋକ ସୂଚନା ଅଧିକାରୀ, ଧାରା 6 ଅନୁଯାୟୀ ଗ୍ରହଣ କରିଥିବା ଆବେଦନକୁ, ଯଥାଶୀଘ୍ର ସମ୍ଭବ, କିନ୍ତୁ ଯେ କୌଣସି ପ୍ରକାରେ ତାହା ଗ୍ରହଣ କରିବାର ତିରିଶ ଦିନ ମଧ୍ୟରେ ଫଏସଲା କରି ବିହିତ ଫିସ୍ ପ୍ରଦାନ କରାଗଲେ ଏକେତ ସୂଚନା ପ୍ରଦାନ କରିବେ ନତୁବା ଧାରା ୫ ଓ ୨ ରେ ଦର୍ଶାଯାଇ ଥିବା କାରଣ ଭିତ୍ତିରେ ଏହାକୁ ଅଗ୍ରାହ୍ୟ କରିବେ :

ପରନ୍ତୁ କୌଣସି ବ୍ୟକ୍ତିଙ୍କ ଜୀବନ ବା ସ୍ୱତନ୍ତ୍ରତା ସମ୍ପର୍କିତ ସୂଚନାକୁ ଆବେଦନ ଗ୍ରହଣ କରିବାର ଅଠଚାଳିଶ ଘଣ୍ଟା ମଧ୍ୟରେ ପ୍ରଦାନ କରାଯିବ ।

(2) ଯଦି କୌଣସି କେନ୍ଦ୍ରୀୟ ଲୋକ ସୂଚନା ଅଧିକାରୀ ବା ଯଥାସ୍ଥିତି, ରାଜ୍ୟ ଲୋକ ସୂଚନା ଅଧିକାରୀ, ଉପଧାରା (1) ରେ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଆବେଦନର କୌଣସି ନିଷ୍ପତ୍ତି ନ କରନ୍ତି, ତାହେଲେ ଯଥାସ୍ଥିତି, କେନ୍ଦ୍ରୀୟ ଲୋକ ସୂଚନା ଅଧିକାରୀ ବା ରାଜ୍ୟ ଲୋକ ସୂଚନା ଅଧିକାରୀ ଆବେଦନକୁ ପ୍ରତ୍ୟାଖ୍ୟାନ କରିଛନ୍ତି ବୋଲି ବିବେଚନା କରାଯିବ ।

(3) ଯେବେ ସୂଚନା ପ୍ରଦାନର ବ୍ୟୟ ଭରଣା ପାଇଁ ଅଧିକ ଫିସ୍ ପ୍ରଦାନ କରାଗଲେ ସୂଚନା ଯୋଗାଇ ଦିଆଯିବ ବୋଲି ନିଷ୍ପତ୍ତି ଗ୍ରହଣ କରାଯାଏ, ତେବେ ଯଥାସ୍ଥିତି, କେନ୍ଦ୍ରୀୟ ଲୋକ ସୂଚନା ଅଧିକାରୀ ବା ରାଜ୍ୟ ଲୋକ ସୂଚନା ଅଧିକାରୀ ଆବେଦନକାରୀଙ୍କୁ ନିମ୍ନଲିଖିତ ବିଷୟ, ପତ୍ର ଦ୍ୱାରା ଜଣାଇଦେବେ —

(କ) ଉପଧାରା (1) ଅନୁଯାୟୀ ବିହିତ ଦେୟ ଠାରୁ ସଂପୃକ୍ତ ଅଧିକାରୀ କେଉଁ ଭିତ୍ତିରେ ଅତିରିକ୍ତ ଦେୟର ପରିମାଣ ଅବଧାରିତ କଲେ ତାହାର ବିବରଣୀ ଦେଇ ଏହି ଅତିରିକ୍ତ ଦେୟ ଜମା କରିବା ପାଇଁ ଆବେଦନକାରୀଙ୍କୁ ଅନୁରୋଧ କରିବେ ଏବଂ ଉକ୍ତ ପତ୍ର ପ୍ରେରଣ ଓ ଫିସ୍ ପ୍ରଦାନ ମଧ୍ୟବର୍ତ୍ତୀ ସମୟକୁ ଆବେଦନ ଫଏସଲା କରିବାଲାଗି ଉକ୍ତ ଉପଧାରାରେ ସ୍ଥିରୀକୃତ ତିରିଶ ଦିନ ସମୟସୀମାରୁ ବାଦ୍ ଦିଆଯିବ ;

(ଖ) ଦେୟ ବୃଦ୍ଧି ନିଷ୍ପତ୍ତିକୁ ପୁନର୍ବିଚାର କରିବାପାଇଁ ତାଙ୍କର କ୍ଷମତା ରହିଛି କି ନାହିଁ, କେଉଁ ପ୍ରକାରେ ସୂଚନା ପ୍ରଦାନ କରାଯିବ, କେଉଁ ଅଧିକାରୀଙ୍କ ସମକ୍ଷରେ କେତେ ସମୟ ମଧ୍ୟରେ, କେଉଁ ପ୍ରକ୍ରିୟାରେ ଏବଂ କେଉଁ ଆକାରରେ ଅପିଲ କରାଯାଇ ପାରିବ ସେ ବିଷୟରେ ଅବଗତ କରାଇବେ ।

(4) ଏହି ଅଧିନିୟମ ଅନୁଯାୟୀ କୌଣସି ରେକର୍ଡ ବା ତାହାର ଏକ ଅଂଶର ସୂଚନା ଯୋଗାଇବା ଯଦି ଆବଶ୍ୟକ ହେଉଥାଏ ଏବଂ ଯେଉଁ ବ୍ୟକ୍ତିଙ୍କୁ ତାହା ଯୋଗାଇ ଦିଆଯିବ ସେ ଶାରୀରିକ ଭିନ୍ନକ୍ଷମ ହୋଇଥିବେ ସେ କ୍ଷେତ୍ରରେ ଯଥାସ୍ଥିତି, କେନ୍ଦ୍ରୀୟ ଲୋକ ସୂଚନା ଅଧିକାରୀ ବା ରାଜ୍ୟ ଲୋକ ସୂଚନା ଅଧିକାରୀ ଉକ୍ତ ରେକର୍ଡ ବା ତାହାର ଏକ ଅଂଶର ନିରୀକ୍ଷଣ ପାଇଁ ସମୁଚିତ ସହାୟତା ଯୋଗାଇ ଦେବା ସମେତ ସେପରି ସୂଚନା ଦେବା ସକାଶେ ସହାୟତା ପ୍ରଦାନ କରିବେ ।

(5) ମୁଦ୍ରିତ ବା ଇଲେକ୍ଟ୍ରୋନିକ୍ ସୂଚନା ଦେବାକୁ ପଡୁଥିବା ସ୍ଥଳେ ଉପଧାରା (6)ର ବ୍ୟବସ୍ଥା ପ୍ରତି ସାପେକ୍ଷ ରହି ଦରଖାସ୍ତକାରୀ ବିହିତ ଫିସ୍ ପ୍ରଦାନ କଲେ, ତାହା ଦିଆଯିବ :

ପରନ୍ତୁ ଧାରା 6 ର ଉପଧାରା (1) ଏବଂ ଧାରା 7 ର ଉପଧାରା (1) ଏବଂ (5) ଅନୁଯାୟୀ ବିହିତ ଫିସ୍ ଯୁକ୍ତିଯୁକ୍ତ ହେବା ଆବଶ୍ୟକ ଏବଂ ସମୁଚିତ ସରକାରଙ୍କ ଦ୍ୱାରା ଚିହ୍ନଟ କରାଯାଇ ଥିବା ଦାରିଦ୍ର୍ୟ ସୀମାରେଖା ତଳେ ଥିବା ବ୍ୟକ୍ତିମାନଙ୍କ ଠାରୁ ସେପରି ଫିସ୍ ନିଆଯିବ ନାହିଁ ।

(6) ଉପଧାରା (5)ରେ ଯାହାକିଛି ଥିବା ସତ୍ତ୍ୱେ, ଉପଧାରା (1) ଅନୁଯାୟୀ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଯଦି କୌଣସି ସରକାରୀ କର୍ତ୍ତୃପକ୍ଷ ସୂଚନା ପ୍ରଦାନ କରି ନ ପାରନ୍ତି ତେବେ ଆବେଦନକାରୀଙ୍କୁ ବିନାମୂଲ୍ୟରେ ସୂଚନା ପ୍ରଦାନ କରାଯିବ ।

(7) ଉପଧାରା (1) ଅନୁସାରେ କୌଣସି ନିଷ୍ପତ୍ତି ନେବା ପୂର୍ବରୁ, କେନ୍ଦ୍ରୀୟ ଲୋକ ସୂଚନା ଅଧିକାରୀ ଯଥାସ୍ଥିତି, ରାଜ୍ୟ ଲୋକ ସୂଚନା ଅଧିକାରୀ ଧାରା ।। ଅନୁଯାୟୀ ତୃତୀୟ ପକ୍ଷ କରିଥିବା ଆବେଦନକୁ ବିଚାରକୁ ନେବେ ।

(8) ଉପଧାରା (1) ଅନୁଯାୟୀ କୌଣସି ଆବେଦନ ଅଗ୍ରାହ୍ୟ ହେବା ସ୍ଥଳେ କେନ୍ଦ୍ରୀୟ ଲୋକ ସୂଚନା ଅଧିକାରୀ ବା ଯଥାସ୍ଥିତି, ରାଜ୍ୟ ଲୋକ ସୂଚନା ଅଧିକାରୀ ଆବେଦନକାରୀଙ୍କୁ ନିମ୍ନୋକ୍ତ ପ୍ରକାରେ ଜଣାଇଦେବେ :–

(i) ଅଗ୍ରାହ୍ୟର କାରଣ ;

(ii) କେତେ ଦିନର ଅବଧି ମଧ୍ୟରେ ଏହି ଅଗ୍ରାହ୍ୟ ବିରୁଦ୍ଧରେ ଅପିଲ କରାଯାଇପାରିବ ; ଏବଂ

(iii) ଅପିଲ କର୍ତ୍ତୃପକ୍ଷଙ୍କ ସବିଶେଷ ବିବରଣୀ ।

(9) ଯେଉଁ ଆକାରରେ ସୂଚନା ମଗାଯାଇଥିବ ସାଧାରଣତଃ ସେହି ଆକାରରେ ହିଁ ସୂଚନା ପ୍ରଦାନ କରାଯିବ ଯଦି ତାହା ସରକାରୀ କର୍ତ୍ତୃପକ୍ଷଙ୍କ ଅନନୁପାତୀ ସମ୍ବଳହାନି କରାଉ ନ ଥିବ ଅଥବା ସଂପୃକ୍ତ ରେକର୍ଡର ସୁରକ୍ଷା ଓ ସଂରକ୍ଷଣ ପ୍ରତି ହାନିକାରକ ହେଉ ନ ଥିବ ।

ସୂଚନା ପ୍ରକଟନରୁ ଛାଡ ।

୫. (1) ଏହି ଅଧିନିୟମରେ ଯାହାକିଛି ଥିବା ସତ୍ତ୍ୱେ ନିମ୍ନଲିଖିତ ସୂଚନା ଗୁଡିକୁ କୌଣସି ନାଗରିକଙ୍କୁ ଦିଆଯାଇପାରିବ ନାହିଁ :–

(କ) ଯେଉଁ ସୂଚନା ପ୍ରକଟ କଲେ ଭାରତର ସାର୍ବଭୌମତ୍ୱ ଓ ସଂହତି ଓ ଦେଶର ନିରାପତ୍ତା, ରକ୍ଷାକୌଶଳ, ବିଦେଶ ରାଷ୍ଟ୍ର ସହିତ କୌଣସି ବୈଜ୍ଞାନିକ ଅଥବା ଅର୍ଥନୈତିକ ସ୍ୱାର୍ଥ ପ୍ରତି ପ୍ରତିକୂଳ ପ୍ରଭାବ ପକାଇବ ବା କୌଣସି ଅପରାଧକୁ ଉଦ୍ଦୀପନା ଦେବାର ସମ୍ଭାବନା ଥିବ, ସେପରି କୌଣସି ସୂଚନା ;

(ଖ) ଯେଉଁ ସୂଚନା ପ୍ରକାଶ କରିବାପାଇଁ କୌଣସି ନ୍ୟାୟାଳୟ ବା ଟ୍ରିବ୍ୟୁନାଲ ବାରଣ କରିଥାନ୍ତି ବା ଯାହା ପ୍ରକଟ କଲେ ନ୍ୟାୟାଳୟ ଅବମାନନା ହେବାର ସମ୍ଭାବନା ଥାଏ ସେପରି କୌଣସି ସୂଚନା ;

(ଗ) ଯେଉଁ ସୂଚନା ପ୍ରକଟ କଲେ ସଂସଦ କିମ୍ବା ରାଜ୍ୟ ବ୍ୟବସ୍ଥାପକ ସଭାର ସ୍ୱାଧିକାର ଭଙ୍ଗ ହେବାର ସମ୍ଭାବନା ଥାଏ ସେପରି କୌଣସି ସୂଚନା ;

(ଘ) ଯେଉଁ ସୂଚନା ତଥା ବ୍ୟବସାୟିକ ଗୋପନୀୟତା, ବାଣିଜ୍ୟ କାରବାରର ଗୁପ୍ତ ତଥ୍ୟ କିମ୍ବା ବୌଦ୍ଧିକ ସମ୍ପଦକୁ ପ୍ରକଟ କଲେ ଏବଂ ତୃତୀୟ ପକ୍ଷର ପ୍ରତିଯୋଗିତାମୂଳକ ପରିସ୍ଥିତିକୁ କ୍ଷତି ପହଞ୍ଚାଇବ ସେପରି କୌଣସି ସୂଚନା, ମାତ୍ର ଯେଉଁ କ୍ଷେତ୍ରରେ ସକ୍ଷମ କର୍ତ୍ତୃପକ୍ଷଙ୍କ ହୃଦବୋଧ ହେବ ଯେ ଏହି ପ୍ରକାର ସୂଚନାର ପ୍ରକଟନ ବୃହତ୍ତର ଜନସ୍ୱାର୍ଥ ଲାଗି ଉଦ୍ଦିଷ୍ଟ, ସେ କ୍ଷେତ୍ରରେ ସୂଚନା ପ୍ରଦାନ କରାଯାଇପାରିବ ;

(ଙ) ବିଶ୍ୱାସଜନିତ ସମ୍ପର୍କବଳରେ ଜଣେ ବ୍ୟକ୍ତିଙ୍କୁ ପ୍ରାପ୍ତ ହୋଇଥିବା ସୂଚନା, ମାତ୍ର ଯଦି ସକ୍ଷମ କର୍ତ୍ତୃପକ୍ଷଙ୍କ ହୃଦବୋଧ ହୁଏ ଯେ, ନିର୍ଦ୍ଦିଷ୍ଟ ସୂଚନାଟି ବୃହତ୍ତର ଜନସ୍ୱାର୍ଥ ଲାଗି ଉଦ୍ଦିଷ୍ଟ, ତେବେ ସେ କ୍ଷେତ୍ରରେ ଏହି ସୂଚନା ଦିଆଯାଇପାରିବ ;

(ଚ) ବିଦେଶୀ ସରକାରଙ୍କଠାରୁ ମିଳିଥିବା ଗୋପନୀୟ ସୂଚନା ;

(ଛ) ଯେକୌଣସି ବ୍ୟକ୍ତିଙ୍କ ଜୀବନ ଓ ଶାରୀରିକ ନିରାପତ୍ତାକୁ ବିପନ୍ନ କରୁଥିବା ସୂଚନା ବା ଦିଆଯାଇଥିବା ସୂଚନା ବା ସହାୟତାର ମୂଳ ଉତ୍ସକୁ ପ୍ରକଟ କରୁଥିବା ସୂଚନା ;

(ଜ) ଅପରାଧିମାନଙ୍କ ସମ୍ପର୍କରେ ଅନୁସନ୍ଧାନ ବା ପୂର୍ବାନୁମାନ ଅଥବା ଅଭିଯୋଜନ ପ୍ରକ୍ରିୟାରେ ବାଧା ସୃଷ୍ଟି କରିବାର ସମ୍ଭାବନା ଥିବା ଯେକୌଣସି ପ୍ରକାର ସୂଚନା ;

(ଝ) କ୍ୟାବିନେଟ କାଗଜପତ୍ର, ତଥା ମନ୍ତ୍ରୀମଣ୍ଡଳ, ଶାସନ ସଚିବ ଓ ଅନ୍ୟାନ୍ୟ ଅଧିକାରୀଙ୍କ ଆଲୋଚନାର ରେକର୍ଡ :

ପରନ୍ତୁ ମନ୍ତ୍ରୀମଣ୍ଡଳର ନିଷ୍ପତ୍ତି, ଏହାର କାରଣ ଏବଂ କେଉଁ ଭିତ୍ତିରେ ନିଷ୍ପତ୍ତି ଗ୍ରହଣ କରାଗଲା ଏହାର ବିବରଣୀ, ନିଷ୍ପତ୍ତି ଗ୍ରହଣ କରାଯିବା ପରେ ଓ ତତ୍‌ସମ୍ପର୍କୀୟ ଘଟଣାର ପରିସମାପ୍ତି ପରେ ସେହି ସୂଚନା ସାଧାରଣରେ ପ୍ରକାଶ କରାଯିବ :

ଅଧିକନ୍ତୁ ଏହି ଧାରା ଅନୁଯାୟୀ ବାରଣ କରାଯାଇଥିବା କୌଣସି ସୂଚନା ପ୍ରକାଶ କରାଯାଇ ପାରିବନାହିଁ ।

(ଞ) ଯେଉଁ ସୂଚନା କୌଣସି ବ୍ୟକ୍ତିଗତ ସୂଚନା ସମ୍ପର୍କିତ ହୋଇଥିବ, ଯାହାର ପ୍ରକଟନ କୌଣସି ସର୍ବସାଧାରଣ କାର୍ଯ୍ୟକ୍ରମ ବା ହିତ ସହିତ କୌଣସି ସମ୍ପର୍କ ନଥିବା ବା କୌଣସି ବ୍ୟକ୍ତିଗତ ଗୋପନୀୟତା ପ୍ରତି ଅଯଥା ହସ୍ତକ୍ଷେପ କରୁଥିବ ସେପରି ସୂଚନା ; ଅବଶ୍ୟ ଯଦି କେନ୍ଦ୍ରୀୟ ଲୋକ ସୂଚନା ଅଧିକାରୀ ବା ଯଥାସ୍ଥିତି, ରାଜ୍ୟ ଲୋକ ସୂଚନା ଅଧିକାରୀ ବା ଅପିଲ କର୍ତ୍ତୃପକ୍ଷଙ୍କର ହୃଦ୍‌ବୋଧ ହୁଏ ଯେ ସେପରି ସୂଚନାର ପ୍ରକଟନ ବୃହତ୍ତର ଜନସ୍ୱାର୍ଥ ଦୃଷ୍ଟିରୁ ଯଥାର୍ଥ ତେବେ ତାହା ପ୍ରକଟ କରାଯାଇପାରିବ :

ପରନ୍ତୁ, ସଂସଦ ବା ରାଜ୍ୟ ବିଧାନ ମଣ୍ଡଳଙ୍କୁ ଯେଉଁ ସୂଚନା ପ୍ରଦାନ କରାଯିବା ପାଇଁ ମନା କରାଯାଇପାରି ନାହିଁ ତାହା ଯେକୌଣସି ବ୍ୟକ୍ତିବିଶେଷଙ୍କୁ ମଧ୍ୟ ମନା କରାଯାଇପାରିବ ନାହିଁ ।

1923 ର19

(2) ସରକାରୀ ଗୋପନିୟତା ଅଧିନିୟମ 1923 ରେ ଯାହାକିଛି ଥିବା ସତ୍ତ୍ୱେ ବା ଉପଧାରା (1) ରେ ଯାହାସବୁ ଛାଡ ବ୍ୟବସ୍ଥା ଥିଲେ ସୁଦ୍ଧା, ଜଣେ ସରକାରୀ କର୍ତ୍ତୃପକ୍ଷ ସୂଚନାଟିକୁ ଏପରି ସ୍ଥଳେ ପ୍ରକାଶ କରିପାରିବେ, ଯଦି ଏହା ସୁରକ୍ଷିତ ସ୍ୱାର୍ଥ ହାନି ଅପେକ୍ଷା ଜନସ୍ୱାର୍ଥ ଲାଗି ଅଧିକ ଉଦ୍ଦିଷ୍ଟ ।

(3) ଉପଧାରା (1) ର ଖଣ୍ଡ (କ), (ଗ) ଓ (ଝ) ର ବ୍ୟବସ୍ଥାଗୁଡିକ ପ୍ରତି ସାପେକ୍ଷ ରହି, ଧାରା-6 ଅନୁଯାୟୀ ଯେକୌଣସି ବ୍ୟକ୍ତି କରିଥିବା ଆବେଦନକୁ ଗ୍ରହଣ କରାଯାଇ, 20 ବର୍ଷ ତଳେ ଘଟିଯାଇଥିବା ଯେ କୌଣସି ଘଟଣା, କାର୍ଯ୍ୟକ୍ରମ କିମ୍ବା ବିଷୟ ସମ୍ପର୍କରେ ତଥ୍ୟ ପ୍ରଦାନ କରାଯାଇପାରିବ :

ପରନ୍ତୁ କେଉଁ ଦିନରୁ ଉକ୍ତ କୋଡିଏ ବର୍ଷର ସମୟସୀମା ଗଣନା କରାଯିବ ସେ ସମ୍ପର୍କରେ ପ୍ରଶ୍ନ ଉଠିଲେ, ଏହି ଅଧିନିୟମରେ ସାଧାରଣ ଅପିଲ ବ୍ୟବସ୍ଥାର ସାପେକ୍ଷତାରେ କେନ୍ଦ୍ର ସରକାରଙ୍କ ନିଷ୍ପତ୍ତି ହିଁ ଚୂଡାନ୍ତ ହେବ ।

କେତେକ କ୍ଷେତ୍ରରେ ସୂଚନା ପ୍ରଦାନକୁ ଅଗ୍ରାହ୍ୟ କରିବାର କାରଣ ।

9. ଧାରା 8 ର ବ୍ୟବସ୍ଥାଗୁଡିକ ପ୍ରତି ପ୍ରତିକୂଳ ପ୍ରଭାବ ନ ପକାଇ, ଜଣେ କେନ୍ଦ୍ରୀୟ ଲୋକ ସୂଚନା ଅଧିକାରୀ ବା, ଯଥାସ୍ଥିତି, ରାଜ୍ୟ ଲୋକ ସୂଚନା ଅଧିକାରୀ, ସୂଚନା ଆବେଦନକୁ ଅଗ୍ରାହ୍ୟ କରି ଦେଇପାରିବେ, ଯଦି ତାହା ରାଜ୍ୟ ଭିନ୍ନ କୌଣସି ଜଣେ ବ୍ୟକ୍ତିଙ୍କର ପ୍ରତିଲିପ୍ୟଧିକାରକୁ ଉଲ୍ଲଙ୍ଘନ କରୁଥିବ ।

ଆଂଶିକ ସୂଚନା ପ୍ରଦାନ ।

10 (1) ଯଦି ସୂଚନା ପ୍ରଦାନରୁ ଛାଡ ଅଛି ବୋଲି କାରଣ ଦର୍ଶାଇ କୌଣସି ସୂଚନା ଦେବାକୁ ଅଗ୍ରାହ୍ୟ କରାଯାଏ, ତେବେ ଏହି ଅଧିନିୟମରେ ଯାହାକିଛି ଥିବା ସତ୍ତ୍ୱେ, ସମ୍ପୃକ୍ତ ସୂଚନାର ଯେଉଁ ଅଂଶଟି ସୂଚନା ପ୍ରଦାନର ଛାଡ ବ୍ୟବସ୍ଥାରୁ ମୁକ୍ତ, ଓ ତାହା ଯୁକ୍ତିଯୁକ୍ତ ଭାବେ ଛାଡ ଦିଆଯାଇଥିବା ସୂଚନାରୁ ଅଲଗା କରାଯାଇପାରିବ ତେବେ ସେହି ଅଂଶଟିକୁ ପୃଥକ ଭାବେ ପ୍ରଦାନ କରାଯାଇପାରିବ ।

(2) ଉପଧାରା (1) ଅନୁଯାୟୀ ଯଦି କୌଣସି ରେକର୍ଡର କିଛି ଅଂଶ ପ୍ରଦାନ କରିବା ପାଇଁ ଅନୁମତି ଦିଆଯାଏ, ତେବେ, କେନ୍ଦ୍ରୀୟ ଲୋକ ସୂଚନା ଅଧିକାରୀ ବା ଯଥାସ୍ଥିତି, ରାଜ୍ୟ ଲୋକ ସୂଚନା ଅଧିକାରୀ ଦରଖାସ୍ତକାରୀଙ୍କୁ ନିମ୍ନୋକ୍ତ ପ୍ରକାରେ ଅବଗତ କରାଇ ଏକ ନୋଟିସ୍ ଦେବେ --

(କ) ଆବେଦନ କରିଥିବା ସୂଚନାର କିଛି ଅଂଶ, ଯାହାକି ପ୍ରକଟ କରାଯିବା ବ୍ୟବସ୍ଥାରୁ ଛାଡ କରାଯାଇଛି ସେପରି ସୂଚନା ଥିବା ଅଂଶକୁ ବାଦ୍ ଦେଇ ଅନ୍ୟ ସୂଚନା ପ୍ରଦାନ କରାଯାଉଛି ;

(ଖ) ଏପରି ନିଷ୍ପତ୍ତିର କାରଣ ଏବଂ କେଉଁ ଭିତ୍ତିଭୂମିରେ ଏହି ନିଷ୍ପତ୍ତି ଆଧାରିତ ;

(ଗ) ନିଷ୍ପତ୍ତି ଗ୍ରହଣ କରିଥିବା ବ୍ୟକ୍ତିଙ୍କ ନାମ ଓ ପଦନାମ ;

(ଘ) ସେହି ଅଧିକାରୀଙ୍କ ଦ୍ୱାରା ଧାର୍ଯ୍ୟ କରାଯାଇଥିବା ଫିସ୍‌ର ସବିଶେଷ ବିବରଣୀ ଏବଂ ଦରଖାସ୍ତକାରୀ କେତେ ଫିସ୍ ଦାଖଲ କରିବା ଆବଶ୍ୟକ ; ଏବଂ

(ଙ) ସୂଚନାର ଯେଉଁ ଅଂଶ ପ୍ରକଟ କରାଯିବନାହିଁ ସେ ସମ୍ବନ୍ଧୀୟ ନିଷ୍ପତ୍ତିର ସମୀକ୍ଷା କରିବାରେ ତାହାଙ୍କ ଅଧିକାର, କେତେ ଫିସ୍ ଦାଖଲ କରିବାକୁ ପଡିବ ବା କେଉଁ ଆକାରରେ ଦିଆଯିବ ତଥା ଯଥାସ୍ଥିତି, ଧାରା 19 ର ଉପଧାରା (1) ଅନୁଯାୟୀ ବିନିର୍ଦ୍ଦିଷ୍ଟ ବରିଷ୍ଠ ଅଧିକାରୀଙ୍କ ବା କେନ୍ଦ୍ରୀୟ ସୂଚନା ଆୟୋଗ ବା ରାଜ୍ୟ ସୂଚନା ଆୟୋଗଙ୍କ ସବିଶେଷ ବିବରଣୀ, ସମୟସୀମା, ପ୍ରକ୍ରିୟା ଓ ଅନ୍ୟ କୌଣସି ପ୍ରକାରେ ଆବେଦନ କରାଯାଇପାରିବ ।

ତୃତୀୟ ପକ୍ଷ ସୂଚନା ।

11 (1) ଯେବେ କେନ୍ଦ୍ରୀୟ ଲୋକ ସୂଚନା ଅଧିକାରୀ ବା ଯଥାସ୍ଥିତି, ଜଣେ ରାଜ୍ୟ ଲୋକ ସୂଚନା ଅଧିକାରୀ, ଏହି ଅଧିନିୟମ ଅନୁଯାୟୀ ଏକ ଆବେଦନ କ୍ରମେ ଏକ ତୃତୀୟ ପକ୍ଷ ସମ୍ପୃକ୍ତ ଥିବା ବା ସେ ଯୋଗାଇ ଦେଇଥିବା ଏପରି କୌଣସି ସୂଚନା ବା ରେକର୍ଡକୁ ସମ୍ପୂର୍ଣ୍ଣ ରୂପେ ବା ଆଂଶିକ ରୂପେ ପ୍ରକଟ କରିବା ପାଇଁ ସ୍ଥିର କରନ୍ତି, ଯାହାକୁ ଉକ୍ତ ତୃତୀୟ ପକ୍ଷ ଗୋପନୀୟ ବୋଲି ବିବେଚନା କରୁଥିବେ, ତେବେ କେନ୍ଦ୍ରୀୟ ଲୋକ ସୂଚନା ଅଧିକାରୀ ବା ଯଥାସ୍ଥିତି, ରାଜ୍ୟ ଲୋକ ସୂଚନା ଅଧିକାରୀ ଉକ୍ତ ଆବେଦନ ପାଇବାର ପାଞ୍ଚ ଦିନ ମଧ୍ୟରେ ଉକ୍ତ ତୃତୀୟ ପକ୍ଷକୁ ସେହି ଆବେଦନ ସମ୍ପର୍କରେ ଓ ଉକ୍ତ ସୂଚନା ବା ରେକର୍ଡକୁ ସମ୍ପୂର୍ଣ୍ଣ ରୂପେ ବା ଆଂଶିକ ରୂପେ ପ୍ରକଟ କରିବା ପାଇଁ ତାଙ୍କର ଅଭିପ୍ରାୟ ସମ୍ପର୍କରେ ଏକ ଲିଖିତ ନୋଟିସ୍ ଦେବେ ଏବଂ ଉକ୍ତ ସୂଚନା ପ୍ରକଟ କରାଯିବ କି ନାହିଁ ସେ ସମ୍ପର୍କରେ ତୃତୀୟ ପକ୍ଷ ନିଜ୍‌ର ବକ୍ତବ୍ୟ ଲିଖିତ ଆକାରରେ ବା ମୌଖିକ ଭାବରେ ଜଣାଇବାପାଇଁ ସେହି ନୋଟିସ୍‌ରେ ଉଲ୍ଲେଖ କରିବେ ଏବଂ ସେହି ସୂଚନାକୁ ପ୍ରକଟ କରିବା ପାଇଁ ନିଷ୍ପତ୍ତି ନେବା ବେଳେ ଉକ୍ତ ତୃତୀୟ ପକ୍ଷଙ୍କ ମତାମତ ପ୍ରତି ଧ୍ୟାନ ଦିଆଯିବ :

ପରନ୍ତୁ ବିଧି ଦ୍ୱାରା ସୁରକ୍ଷିତ ବ୍ୟବସାୟ ବା ବାଣିଜ୍ୟ ସମ୍ପର୍କିତ ସୂଚନା ଭିନ୍ନ ଅନ୍ୟ କୌଣସି ସୂଚନା ପ୍ରକଟ କରିବାପାଇଁ ସେହି ସ୍ଥଳେ ମଞ୍ଜୁର କରାଯାଇପାରିବ, ଯେଉଁସ୍ଥଳେ; ସେପରି ପ୍ରକଟନ ଫଳରେ ଉକ୍ତ ତୃତୀୟ ପକ୍ଷଙ୍କ ସମ୍ଭାବ୍ୟ କ୍ଷତି ବା ସ୍ୱାର୍ଥ ହାନି ଅପେକ୍ଷା ଜନସ୍ୱାର୍ଥର ଅଧିକ ଗୁରୁତ୍ୱ ଥିବ ।

(2) ଯଦି କୌଣସି ସୂଚନା ବା ରେକର୍ଡ ବା ତାହାର କୌଣସି ଅଂଶ ସମ୍ପର୍କରେ ତୃତୀୟ ପକ୍ଷଙ୍କୁ ଉପଧାରା (1) ଅନୁଯାୟୀ, ଯଥାସ୍ଥିତି, କେନ୍ଦ୍ରୀୟ ଲୋକ ସୂଚନା ଅଧିକାରୀ ବା ରାଜ୍ୟ ଲୋକ ସୂଚନା ଅଧିକାରୀ ଏକ ନୋଟିସ୍ ଜାରି କରିବେ, ତେବେ ସେପରି ନୋଟିସ୍ ପାଇବାର ଦଶ ଦିନ ମଧ୍ୟରେ ପ୍ରସ୍ତାବିତ ପ୍ରକଟନ ବିରୁଦ୍ଧରେ ଏକ ଆବେଦନ କରିବାକୁ ତୃତୀୟ ପକ୍ଷଙ୍କୁ ସୁଯୋଗ ଦେବେ ।

(3) ଧାରା 7 ରେ ଯାହା କିଛି ଥିବା ସତ୍ତ୍ୱେ, ଉପଧାରା (2) ଅନୁଯାୟୀ, ଯଦି ତୃତୀୟ ପକ୍ଷଙ୍କୁ ଆବେଦନ କରିବାର ସୁଯୋଗ ଦିଆଯାଇଥାଏ, ତେବେ, ଯଥାସ୍ଥିତି, କେନ୍ଦ୍ରୀୟ ଲୋକ ସୂଚନା ଅଧିକାରୀ ବା ରାଜ୍ୟ ଲୋକ ସୂଚନା ଅଧିକାରୀ, ଧାରା 6 ଅନୁଯାୟୀ ଆବେଦନ ପାଇବାର ଚାଳିଶ ଦିନ ମଧ୍ୟରେ ଉକ୍ତ ସୂଚନା ବା ରେକର୍ଡକୁ ସମ୍ପୂର୍ଣ୍ଣ ରୂପେ ବା ଆଂଶିକ ରୂପେ ପ୍ରକଟ କରାଯିବ କି ନାହିଁ, ସେ ସମ୍ପର୍କିତ ନିଷ୍ପତ୍ତି ଗ୍ରହଣ କରିବେ ଏବଂ ଏହି ନିଷ୍ପତ୍ତି ସମ୍ପର୍କରେ ତୃତୀୟ ପକ୍ଷକୁ ଲିଖିତ ଭାବେ ନୋଟିସ ଦେବେ ।

(4) ଉପଧାରା (3) ଅନୁଯାୟୀ ଦିଆଯାଇଥିବା ଏକ ନୋଟିସ୍‌ରେ ଯେଉଁ ତୃତୀୟ ପକ୍ଷଙ୍କୁ ନୋଟିସ୍ ଦିଆଗଲା, ସେ ନିଷ୍ପତ୍ତି ବିରୁଦ୍ଧରେ ଧାରା 19 ଅନୁଯାୟୀ ଏକ ଅପିଲ ଆଗତ କରିବାକୁ ହକ୍‌ଦାର ବୋଲି ଏକ ବିବୃତି ମଧ୍ୟ ରହିବ ।

## ଅଧ୍ୟାୟ – III

## କେନ୍ଦ୍ରୀୟ ସୂଚନା ଆୟୋଗ

କେନ୍ଦ୍ରୀୟ ସୂଚନା ଆୟୋଗର ଗଠନ ।

12 (1) କେନ୍ଦ୍ର ସରକାର, ସରକାରୀ ଗେଜେଟରେ ଅଧିସୂଚନା ଦ୍ୱାରା ଏହି ଅଧିନିୟମ ଅନୁଯାୟୀ ଅର୍ପଣ କରାଯାଇଥିବା କ୍ଷମତା ପ୍ରୟୋଗ କରିବା ଏବଂ ସମର୍ପଣ କରାଯାଇଥିବା କୃତ୍ୟ ସମ୍ପାଦନ ନିମନ୍ତେ, କେନ୍ଦ୍ରୀୟ ସୂଚନା ଆୟୋଗ ନାମକ ଏକ ନିକାୟ ଗଠନ କରିବେ ।

(2) କେନ୍ଦ୍ରୀୟ ସୂଚନା ଆୟୋଗ ନିମ୍ନଲିଖିତ ଭାବେ ଗଠିତ ହେବ :--

(କ) ମୁଖ୍ୟ ସୂଚନା ଆୟୁକ୍ତ ; ଏବଂ

(ଖ) ଆବଶ୍ୟକ ବିବେଚନା ହେବା ପ୍ରକାରେ ସର୍ବାଧିକ ଦଶ ଜଣ କେନ୍ଦ୍ରୀୟ ସୂଚନା ଆୟୁକ୍ତ ।

(3) ମୁଖ୍ୟ ସୂଚନା ଆୟୁକ୍ତ ଏବଂ ସୂଚନା ଆୟୁକ୍ତମାନେ ନିମ୍ନଲିଖିତ ଭାବେ ଗଠିତ ଏକ କମିଟିର ସୁପାରିଶ କ୍ରମେ ରାଷ୍ଟ୍ରପତିଙ୍କ ଦ୍ୱାରା ନିଯୁକ୍ତି ପାଇବେ :--

(i) ପ୍ରଧାନ ମନ୍ତ୍ରୀ, କମିଟିର ଅଧ୍ୟକ୍ଷ ;

(ii) ଲୋକସଭାରେ ବିରୋଧୀ ଦଳର ନେତା ; ଏବଂ

(iii) ପ୍ରଧାନ ମନ୍ତ୍ରୀଙ୍କ ଦ୍ୱାରା ମନୋନୀତ ଜଣେ କେନ୍ଦ୍ରୀୟ କ୍ୟାବିନେଟ୍ ମନ୍ତ୍ରୀ ।

**ସ୍ପଷ୍ଟୀକରଣ** --ସନ୍ଦେହ ଦୂରୀକରଣ ନିମନ୍ତେ ଉଲ୍ଲେଖ କରାଯାଇପାରେ ଯେ, ଲୋକସଭାରେ ବିରୋଧୀ ଦଳର ନେତା ସ୍ୱୀକୃତିପ୍ରାପ୍ତ ହୋଇ ନ ଥିଲେ, ଲୋକସଭାରେ ସରକାରଙ୍କ ବିରୋଧରେ ଥିବା ଏକକ ସଂଖ୍ୟା ଗରିଷ୍ଠ ଦଳର ନେତାଙ୍କୁ ବିରୋଧୀଦଳ ନେତା ଭାବରେ ବିବେଚନା କରାଯିବ ।

(4) କେନ୍ଦ୍ରୀୟ ସୂଚନା ଆୟୋଗର ବ୍ୟାପାର ସମୂହର ସାଧାରଣ ଅଧୀକ୍ଷଣ, ନିର୍ଦ୍ଦେଶ ପ୍ରଦାନ ଓ ପରିଚାଳନା, ମୁଖ୍ୟ ସୂଚନା ଆୟୁକ୍ତଙ୍କ ଉପରେ ନ୍ୟସ୍ତ ରହିବ ଏବଂ ତାହାଙ୍କୁ ଅନ୍ୟ ସୂଚନା ଆୟୁକ୍ତମାନେ ସହାୟତା ପ୍ରଦାନ କରିବେ ଏବଂ ସେ ସ୍ୱୟଂଶାସିତ ଭାବରେ ଏହି ଅଧିନିୟମ ଅନୁଯାୟୀ ଅନ୍ୟ କୌଣସି କର୍ତ୍ତୃପକ୍ଷଙ୍କ ଅଧୀନ ନ ହୋଇ କେନ୍ଦ୍ରୀୟ ସୂଚନା ଆୟୋଗଙ୍କ ଦ୍ୱାରା ପ୍ରୟୋଗ କରାଯାଇପାରିବା ସମସ୍ତ କ୍ଷମତା ପ୍ରୟୋଗ କରିବେ ଏବଂ ସମସ୍ତ କାର୍ଯ୍ୟ ଓ ବିଷୟ ସମ୍ପାଦନ କରିବେ ।

(5) ବିଧି, ବିଜ୍ଞାନ ଓ ବୈଷୟିକ ବିଦ୍ୟା, ସମାଜସେବା, ମ୍ୟାନେଜ୍‌ମେଣ୍ଟ, ସାମ୍ବାଦିକତା, ଗଣମାଧ୍ୟମ ବା ପ୍ରଶାସନ ଓ ଶାସନ କ୍ଷେତ୍ରରେ ଗଭୀର ଜ୍ଞାନ ଓ ଅଭିଜ୍ଞତା ସହ ସାଧାରଣ ଜୀବନରେ ପ୍ରଖ୍ୟାତ ବ୍ୟକ୍ତିମାନଙ୍କୁ ମୁଖ୍ୟ ସୂଚନା ଆୟୁକ୍ତ ଓ ସୂଚନା ଆୟୁକ୍ତ ଭାବେ ନିଯୁକ୍ତି ଦିଆଯିବ ।

(6) ମୁଖ୍ୟ ସୂଚନା ଆୟୁକ୍ତ କିମ୍ବା କୌଣସି ସୂଚନା ଆୟୁକ୍ତ, ଯଥାସ୍ଥିତି, ସଂସଦର ସଭ୍ୟ କିମ୍ବା କୌଣସି ରାଜ୍ୟ ବା କେନ୍ଦ୍ରଶାସିତ ଅଞ୍ଚଳର ବିଧାନମଣ୍ଡଳର ସଭ୍ୟ ହୋଇ ନ ଥିବେ, କୌଣସି ଲାଭଜନକ ପଦ ଧାରଣ କରି ନ ଥିବେ, କୌଣସି ରାଜନୈତିକ ଦଳ ସହିତ ସମ୍ପୃକ୍ତ ହୋଇ ନ ଥିବେ ଏବଂ କୌଣସି ବ୍ୟବସାୟ କରୁ ନ ଥିବେ ବା କୌଣସି ବୃତ୍ତିରେ ସମ୍ପୃକ୍ତ ନ ଥିବେ ।

(7) କେନ୍ଦ୍ରୀୟ ସୂଚନା ଆୟୋଗଙ୍କ ମୁଖ୍ୟ କାର୍ଯ୍ୟାଳୟ ଦିଲ୍ଲୀଠାରେ ରହିବ ଏବଂ କେନ୍ଦ୍ର ସରକାରଙ୍କର ପୂର୍ବ ଅନୁମୋଦନ କ୍ରମେ କେନ୍ଦ୍ରୀୟ ସୂଚନା ଆୟୋଗ ଭାରତର ଅନ୍ୟାନ୍ୟ ସ୍ଥାନମାନଙ୍କରେ କାର୍ଯ୍ୟାଳୟମାନ ସ୍ଥାପନ କରିପାରିବେ ।

କାର୍ଯ୍ୟକାଳ ଓ ସେବା ସର୍ତ୍ତାବଳୀ ।

13 (1) ମୁଖ୍ୟ ସୂଚନା ଆୟୁକ୍ତ ତାଙ୍କ କାର୍ଯ୍ୟରେ ଯୋଗଦାନ ଦିବସଠାରୁ ପାଞ୍ଚ ବର୍ଷ ପର୍ଯ୍ୟନ୍ତ ଉକ୍ତ ପଦରେ ରହିବେ ଏବଂ ସେ ପୁନଃ ନିଯୁକ୍ତି ପାଇଁ ଯୋଗ୍ୟ ବିବେଚିତ ହେବେ ନାହିଁ :

ପରନ୍ତୁ ମୁଖ୍ୟ ସୂଚନା ଆୟୁକ୍ତ ପଞ୍ଚଷଠି ବର୍ଷ ବୟସ ଅତିକ୍ରମ କରିବାପରେ ଉକ୍ତ ପଦବୀରେ କାର୍ଯ୍ୟ କରିପାରିବେ ନାହିଁ ।

(2) ପ୍ରତ୍ୟେକ ସୂଚନା ଆୟୁକ୍ତ, କାର୍ଯ୍ୟରେ ଯୋଗଦାନ ଦିବସଠାରୁ ପାଞ୍ଚ ବର୍ଷ ପର୍ଯ୍ୟନ୍ତ କିମ୍ବା ତାଙ୍କୁ ପଞ୍ଚଷଠି ବର୍ଷ ହେବା ପର୍ଯ୍ୟନ୍ତ ଏ ଦୁଇଟି ମଧ୍ୟରୁ ଯେଉଁଟି ପ୍ରଥମେ ପଡିବ, ସେ ପର୍ଯ୍ୟନ୍ତ ପଦ ଧାରଣ କରିବେ ଏବଂ ସେପରି ସୂଚନା ଆୟୁକ୍ତ ରୂପେ ପୁନଃ ନିଯୁକ୍ତି ପାଇଁ ଯୋଗ୍ୟ ବିବେଚିତ ହେବେ ନାହିଁ :

ପରନ୍ତୁ କୌଣସି ସୂଚନା ଆୟୁକ୍ତ ଏହି ଉପଧାରା ଅନୁଯାୟୀ ତାଙ୍କ ପଦ ତ୍ୟାଗ କରି ଧାରା 12 ର ଉପ-ଧାରା (3) ରେ ବିନିର୍ଦ୍ଦିଷ୍ଟ ରୀତିରେ ମୁଖ୍ୟ ସୂଚନା ଆୟୁକ୍ତ ଭାବରେ ନିଯୁକ୍ତି ପାଇଁ ଯୋଗ୍ୟ ବିବେଚିତ ହେବେ :

ଅଧିକନ୍ତୁ ଯଦି କୌଣସି ସୂଚନା ଆୟୁକ୍ତ, ମୁଖ୍ୟ ସୂଚନା ଆୟୁକ୍ତ ଭାବରେ ନିଯୁକ୍ତି ପାଆନ୍ତି, ତେବେ ସୂଚନା ଆୟୁକ୍ତ ଓ ମୁଖ୍ୟ ସୂଚନା ଆୟୁକ୍ତ ଭାବରେ ତାଙ୍କ ପଦର କାର୍ଯ୍ୟକାଳ ମୋଟ ପାଞ୍ଚ ବର୍ଷରୁ ଅଧିକ ହେବ ନାହିଁ ।

(3) ମୁଖ୍ୟ ସୂଚନା ଆୟୁକ୍ତ କିମ୍ବା ସୂଚନା ଆୟୁକ୍ତ କାର୍ଯ୍ୟରେ ଯୋଗଦେବା ପୂର୍ବରୁ ରାଷ୍ଟ୍ରପତି କିମ୍ବା ଏହି ଉପଲକ୍ଷେ ରାଷ୍ଟ୍ରପତିଙ୍କ ଦ୍ୱାରା ନିଯୁକ୍ତ ଅନ୍ୟ କୌଣସି ବ୍ୟକ୍ତିଙ୍କ ସମକ୍ଷରେ ଏହି ଅଧିନିୟମର ପ୍ରଥମ ଅନୁସୂଚୀରେ ଥିବା ଫର୍ମ ଅନୁସାରେ ଶପଥ କିମ୍ବା ପ୍ରତିଜ୍ଞାନ କରି ସେଥିରେ ସ୍ୱାକ୍ଷର କରିବେ ।

(4) ମୁଖ୍ୟ ସୂଚନା ଆୟୁକ୍ତ କିମ୍ବା କୌଣସି ସୂଚନା ଆୟୁକ୍ତ ଯେକୌଣସି ସମୟରେ ରାଷ୍ଟ୍ରପତିଙ୍କୁ ସମ୍ବୋଧିତ ହୋଇଥିବା ସ୍ୱହସ୍ତ ଲିଖିତ ଇସ୍ତଫା ପତ୍ର ଦ୍ୱାରା ନିଜ ପଦରୁ ଇସ୍ତଫା ପ୍ରଦାନ କରିପାରିବେ :

ପରନ୍ତୁ ମୁଖ୍ୟ ସୂଚନା ଆୟୁକ୍ତ କିମ୍ବା ଯେକୌଣସି ସୂଚନା ଆୟୁକ୍ତ, ଧାରା 14 ରେ ବିନିର୍ଦ୍ଦିଷ୍ଟ ରୀତିରେ ନିଜ ପଦବୀରୁ ଅପସାରିତ ହୋଇପାରିବେ ।

(5) (କ) ମୁଖ୍ୟ ସୂଚନା ଆୟୁକ୍ତଙ୍କୁ ଦେୟ ଦରମା ଓ ଭତ୍ତା ତଥା ତାଙ୍କ ସେବାର ଅନ୍ୟାନ୍ୟ ନିର୍ବନ୍ଧନ ଓ ସର୍ତ୍ତାବଳୀ, ମୁଖ୍ୟ ନିର୍ବାଚନ ଆୟୁକ୍ତଙ୍କ ସହ ସମାନ ହେବ;

(ଖ) ଜଣେ ସୂଚନା ଆୟୁକ୍ତଙ୍କୁ ଦେୟ ଦରମା ଓ ଭତ୍ତା ତଥା ତାଙ୍କ ସେବାର ଅନ୍ୟାନ୍ୟ ନିର୍ବନ୍ଧନ ଓ ସର୍ତ୍ତାବଳୀ, ଜଣେ ନିର୍ବାଚନ ଆୟୁକ୍ତଙ୍କ ସହ ସମାନ ହେବ :

ପରନ୍ତୁ ନିଯୁକ୍ତି ସମୟରେ ମୁଖ୍ୟ ସୂଚନା ଆୟୁକ୍ତ ବା ସୂଚନା ଆୟୁକ୍ତ ଯଦି କେନ୍ଦ୍ର ସରକାର ବା କୌଣସି ରାଜ୍ୟ ସରକାରଙ୍କ ଅଧୀନରେ ପୂର୍ବ ସେବା ଯୋଗୁଁ ଅକର୍ମଣ୍ୟତା ବା ଆଘାତ ଜନିତ ପେନ୍‌ସନ ଭିନ ଅନ୍ୟ କୌଣସି ପେନ୍‌ସନ ପାଉଥିବେ, ତେବେ ମୁଖ୍ୟ ସୂଚନା ଆୟୁକ୍ତ ବା ସୂଚନା ଆୟୁକ୍ତ ଭାବେ ସେବା ସକାଶେ ତାଙ୍କର ବେତନରୁ, ପେନ୍‌ସନ ସମାନୁପାତିକ ଅବସରକାଳୀନ ଗ୍ରାଚ୍ୟୁଟିକୁ ଛାଡି ପେନ୍‌ସନ, କମ୍ୟୁଟେଡ ପେନ୍‌ସନ ଓ ଅନ୍ୟ ଅବସରକାଳୀନ ସୁବିଧା ବାବଦ ଦେୟ ପେନ୍‌ସନ ହ୍ରାସ କରାଯିବ :

ଅଧିକନ୍ତୁ ନିଯୁକ୍ତି ସମୟରେ, ମୁଖ୍ୟ ସୂଚନା ଆୟୁକ୍ତ କିମ୍ବା ସୂଚନା ଆୟୁକ୍ତ ଯଦି କୌଣସି କେନ୍ଦ୍ରୀୟ ଅଧିନିୟମ କିମ୍ବା ରାଜ୍ୟ ଅଧିନିୟମ ଦ୍ୱାରା ବା ଅନୁଯାୟୀ ପ୍ରତିଷ୍ଠିତ କୌଣସି ନିଗମ କିମ୍ବା କେନ୍ଦ୍ର ବା ରାଜ୍ୟ ସରକାରଙ୍କ ମାଲିକାନା କିମ୍ବା ନିୟନ୍ତ୍ରଣାଧୀନ କୌଣସି ସରକାରୀ କମ୍ପାନୀରେ ପୂର୍ବ ସେବା ଯୋଗୁଁ କୌଣସି

ଅବସରକାଳୀନ ସୁବିଧା ସୁଯୋଗ ପାଉଥାନ୍ତି, ତେବେ ମୁଖ୍ୟ ସୂଚନା ଆୟୁକ୍ତ କିମ୍ବା ସୂଚନା ଆୟୁକ୍ତ ଭାବେ ତାଙ୍କ ବେତନରୁ, ଅବସରକାଳୀନ ସମାନୁପାତିକ ପେନ୍‌ସନ ହ୍ରାସ କରାଯିବ :

ପୁନଶ୍ଚ ମୁଖ୍ୟ ସୂଚନା ଆୟୁକ୍ତ ଏବଂ ସୂଚନା ଆୟୁକ୍ତଙ୍କ ବେତନ, ଭତ୍ତା ଓ ସେବାର ଅନ୍ୟାନ୍ୟ ସର୍ତ୍ତାବଳୀ, ସେମାନଙ୍କ ନିଯୁକ୍ତି ପରେ ସେମାନଙ୍କୁ କୌଣସି କ୍ଷତି ପହଞ୍ଚାଇଲା ଭଳି ପରିବର୍ତ୍ତନ କରାଯିବ ନାହିଁ ।

(6) ଏହି ଅଧିନିୟମ ଅନୁଯାୟୀ ମୁଖ୍ୟ ସୂଚନା ଆୟୁକ୍ତ ଓ ସୂଚନା ଆୟୁକ୍ତ ସେମାନଙ୍କର କାର୍ଯ୍ୟ, ଦକ୍ଷତାର ସହ ସମ୍ପାଦନ କରିବା ନିମନ୍ତେ କେନ୍ଦ୍ର ସରକାର ଆବଶ୍ୟକ ସଂଖ୍ୟକ ଅଧିକାରୀ ଓ କର୍ମଚାରୀ ନିଯୁକ୍ତିର ବ୍ୟବସ୍ଥା କରିବେ ଏବଂ ଏହି ଅଧିନିୟମ ଅନୁଯାୟୀ ନିଯୁକ୍ତ ଅଧିକାରୀ ଓ କର୍ମଚାରୀମାନଙ୍କର ବେତନ, ଭତ୍ତା ଓ ସେବାର ନିର୍ବନ୍ଧନ ଓ ସର୍ତ୍ତାବଳୀ ବିହିତ ହେବାମତେ ହେବ ।

ମୁଖ୍ୟ ସୂଚନା ଆୟୁକ୍ତ ବା ସୂଚନା ଆୟୁକ୍ତଙ୍କ ଅପସାରଣ ।

14 (1) ଉପଧାରା (3) ର ବ୍ୟବସ୍ଥାଗୁଡ଼ିକ ପ୍ରତି ସାପେକ୍ଷ ରହି, ରାଷ୍ଟ୍ରପତିଙ୍କ ଦ୍ୱାରା ଏକ ରେଫରେନ୍‌ସ କ୍ରମେ ତଦନ୍ତ କରିବା ପରେ ଉଚ୍ଚତମ ନ୍ୟାୟାଳୟ ଯଦି ରିପୋର୍ଟ କରନ୍ତି ଯେ ମୁଖ୍ୟ ସୂଚନା ଆୟୁକ୍ତ ବା ଯଥାସ୍ଥିତି, କୌଣସି ସୂଚନା ଆୟୁକ୍ତ ଦୁର୍ବ୍ୟବହାର କରିଛନ୍ତି ବା ଅସମର୍ଥ ଅଟନ୍ତି ଏବଂ ସେହି କାରଣରୁ ତାଙ୍କୁ ଅପସାରଣ କରିବା ଉଚିତ୍, ତେବେ ସେହି କାରଣରୁ ରାଷ୍ଟ୍ରପତି ଆଦେଶ ଦ୍ୱାରା ହିଁ ମୁଖ୍ୟ ସୂଚନା ଆୟୁକ୍ତ ବା କୌଣସି ସୂଚନା ଆୟୁକ୍ତଙ୍କୁ ତାଙ୍କ ପଦରୁ ଅପସାରଣ କରିବେ ।

(2) ଯେଉଁ ମୁଖ୍ୟ ସୂଚନା ଆୟୁକ୍ତ ବା ସୂଚନା ଆୟୁକ୍ତଙ୍କ ସମ୍ବନ୍ଧରେ ଉପଧାରା (1) ଅନୁଯାୟୀ ଉଚ୍ଚତମ ନ୍ୟାୟାଳୟକୁ ଏକ ରେଫେରେନ୍‌ସ କରାଯାଇଥିବ ସେହି ରେଫେରେନ୍‌ସ ଉପରେ ଉଚ୍ଚତମ ନ୍ୟାୟାଳୟଙ୍କ ରିପୋର୍ଟ ପାଇ ତା ଉପରେ ରାଷ୍ଟ୍ରପତି ଆଦେଶ ନ ଦେବା ପର୍ଯ୍ୟନ୍ତ ତଦନ୍ତ ସମୟ ମଧ୍ୟରେ ରାଷ୍ଟ୍ରପତି ତାଙ୍କୁ ପଦରୁ ନିଲମ୍ବିତ କରିପାରିବେ ଓ ଯଦି ଆବଶ୍ୟକ ମନେ କରନ୍ତି ତେବେ କାର୍ଯ୍ୟାଳୟରେ ଯୋଗ ଦେବାରୁ ମଧ୍ୟ ବାରଣ କରିପାରିବେ ।

(3) ଯଦି ମୁଖ୍ୟ ସୂଚନା ଆୟୁକ୍ତ ବା ଯଥାସ୍ଥିତି କୌଣସି ସୂଚନା ଆୟୁକ୍ତ :-

(କ) ଦେବାଳିଆ ବୋଲି ନ୍ୟାୟନିର୍ଣ୍ଣିତ ହୋଇଥିବେ ; କିମ୍ବା

(ଖ) ଏପରି ଅପରାଧରେ ଦୋଷୀ ସାବ୍ୟସ୍ତ ହୋଇଥିବେ, ଯାହାକି ରାଷ୍ଟ୍ରପତିଙ୍କ ମତରେ ନୈତିକ ଭ୍ରଷ୍ଟାଚାର ଅଟେ ; କିମ୍ବା

(ଗ) ନିଜ ପଦବୀରେ ଥିବା ସମୟରେ ପଦୀୟ କର୍ତ୍ତବ୍ୟର ପରିଧି ବାହାରେ ଅନ୍ୟ କୌଣସି ସବୈତନିକ କାର୍ଯ୍ୟରେ ନିୟୋଜିତ ହୋଇଥିବେ ; କିମ୍ବା

(ଘ) ରାଷ୍ଟ୍ରପତିଙ୍କ ମତରେ ଶାରୀରିକ ବା ମାନସିକ ଦୃଷ୍ଟିରୁ ଆଉ କାର୍ଯ୍ୟ କରିବାକୁ ଅସମର୍ଥ ଅଟନ୍ତି ; କିମ୍ବା

(ଙ) ଏପରି ଆର୍ଥିକ ବା ଅନ୍ୟାନ୍ୟ ସ୍ୱାର୍ଥ ଜଡ଼ିତ କାର୍ଯ୍ୟରେ ଲିପ୍ତ ଯାହାକି ମୁଖ୍ୟ ସୂଚନା ଆୟୁକ୍ତ ବା କୌଣସି ସୂଚନା ଆୟୁକ୍ତ ଭାବେ ତାଙ୍କ କୃତ୍ୟ ସଂପାଦନାକୁ ପ୍ରତିକୂଳ ପ୍ରଭାବ ପକାଇବ ;

ତେବେ ଉପଧାରା (1)ରେ ଯାହା କିଛି ଥିବା ସତ୍ତ୍ୱେ, ରାଷ୍ଟ୍ରପତି ଆଦେଶ ଦ୍ୱାରା ମୁଖ୍ୟ ସୂଚନା ଆୟୁକ୍ତ ବା ସୂଚନା ଆୟୁକ୍ତଙ୍କୁ ପଦରୁ ଅପସାରଣ କରିପାରିବେ ।

(4) କେନ୍ଦ୍ର ସରକାରଙ୍କ ଦ୍ୱାରା ବା ତରଫରୁ କରାଯାଇଥିବା କୌଣସି ଚୁକ୍ତି ବା ରାଜିନାମାରେ ମୁଖ୍ୟ ସୂଚନା ଆୟୁକ୍ତ କିମ୍ବା ଜଣେ ସୂଚନା ଆୟୁକ୍ତ ଯଦି କୌଣସି ମତେ ସଂପୃକ୍ତ ବା ସ୍ୱାର୍ଥାନ୍ୱିତ ଥିବେ ବା ଏକ ନିଗମିତ କଂପାନିର ସାଧାରଣ ସଦସ୍ୟମାନଙ୍କ ଭିତରୁ ଜଣେ ସଦସ୍ୟ ଭିନ୍ନ ଅନ୍ୟଥା ତହିଁରୁ କୌଣସି ପ୍ରକାରର ଲାଭ ବା କୌଣସି ସୁବିଧା ବା ପାରିଶ୍ରମିକ ନେଉଥିବେ ତେବେ, ଉପଧାରା (1) ଉଦ୍ଦେଶ୍ୟରେ ସେ ଦୁର୍ବ୍ୟବହାର କରିଛନ୍ତି ବୋଲି ବିବେଚିତ ହେବେ ।

## ଅଧ୍ୟାୟ IV

## ରାଜ୍ୟ ସୂଚନା ଆୟୋଗ

ରାଜ୍ୟ ସୂଚନା ଆୟୋଗର ଗଠନ ।

15 (1) ପ୍ରତ୍ୟେକ ରାଜ୍ୟ ସରକାର, ସରକାରୀ ଗେଜେଟ୍‌ରେ ଅଧିସୂଚନା ଦ୍ୱାରା ଏହି ଅଧିନିୟମ ଅନୁଯାୟୀ ଅର୍ପଣ କରାଯାଇଥିବା କ୍ଷମତା ପ୍ରୟୋଗ କରିବା ଏବଂ ସମର୍ପଣ କରାଯାଇଥିବା କୃତ୍ୟ ସମ୍ପାଦନ କରିବା ନିମନ୍ତେ -(ରାଜ୍ୟର ନାମ) ସୂଚନା ଆୟୋଗ ନାମକ ଏକ ନିକାୟ ଗଠନ କରିବେ ।

(2) ରାଜ୍ୟ ସୂଚନା ଆୟୋଗ ନିମ୍ନଲିଖିତ ଭାବେ ଗଠିତ ହେବ -

(କ) ରାଜ୍ୟମୁଖ୍ୟ ସୂଚନା ଆୟୁକ୍ତ ; ଏବଂ

(ଖ) ଆବଶ୍ୟକ ବିବେଚନା ହେବା ପ୍ରକାରେ ସର୍ବାଧିକ ଦଶ ଜଣ ରାଜ୍ୟ ସୂଚନା ଆୟୁକ୍ତ ।

(3) ରାଜ୍ୟ ମୁଖ୍ୟ ସୂଚନା ଆୟୁକ୍ତ ଏବଂ ରାଜ୍ୟ ସୂଚନା ଆୟୁକ୍ତମାନେ ନିମ୍ନଲିଖିତ ଭାବେ ଗଠିତ ଏକ କମିଟିର ସୁପାରିଶ କ୍ରମେ ରାଜ୍ୟପାଳଙ୍କ ଦ୍ୱାରା ନିଯୁକ୍ତି ପାଇବେ :—

(i) ମୁଖ୍ୟମନ୍ତ୍ରୀ, କମିଟିର ଅଧକ୍ଷ ;

(ii) ବିଧାନସଭାରେ ବିରୋଧୀ ଦଳର ନେତା ; ଏବଂ

(iii) ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ମନୋନୀତ ଜଣେ କ୍ୟାବିନେଟ୍ ମନ୍ତ୍ରୀ ।

**ସ୍ପଷ୍ଟୀକରଣ** - ସନ୍ଦେହ ଦୂରୀକରଣ ନିମନ୍ତେ ଉଲ୍ଲେଖ କରାଯାଇପାରେ ଯେ, ବିଧାନସଭାରେ ବିରୋଧୀ ଦଳର ନେତା ସ୍ୱୀକୃତିପ୍ରାପ୍ତ ହୋଇ ନ ଥିଲେ, ବିଧାନସଭାରେ ସରକାରଙ୍କ ବିରୋଧରେ ଥିବା ଏକକ ସଂଖ୍ୟା ଗରିଷ୍ଠ ଦଳର ନେତାଙ୍କୁ ବିରୋଧୀ ଦଳ ନେତା ଭାବରେ ବିବେଚନା କରାଯିବ ।

(4) ରାଜ୍ୟ ସୂଚନା ଆୟୋଗର ବ୍ୟାପାରର ସାଧାରଣ ଅଧୀକ୍ଷଣ, ନିର୍ଦ୍ଦେଶ ପ୍ରଦାନ ଓ ପରିଚାଳନା, ରାଜ୍ୟ ମୁଖ୍ୟ ସୂଚନା ଆୟୁକ୍ତଙ୍କ ଉପରେ ନ୍ୟସ୍ତ ରହିବ ଏବଂ ତାହାଙ୍କୁ ଅନ୍ୟ ରାଜ୍ୟ ସୂଚନା ଆୟୁକ୍ତମାନେ ସହାୟତା ପ୍ରଦାନ କରିବେ ଏବଂ ସେ ସ୍ୱୟଂଶାସିତ ଭାବରେ ଏହି ଅଧିନିୟମ ଅନୁଯାୟୀ ଅନ୍ୟ କୌଣସି କର୍ତ୍ତୃପକ୍ଷଙ୍କ ଅଧୀନ ନ ହୋଇ ରାଜ୍ୟ ସୂଚନା ଆୟୋଗଙ୍କ ଦ୍ୱାରା ପ୍ରୟୋଗ କରାଯାଇପାରିବା ସମସ୍ତ କ୍ଷମତା ପ୍ରୟୋଗ କରିବେ ଏବଂ ସମସ୍ତ କାର୍ଯ୍ୟ ଓ ବିଷୟମାନ ସମ୍ପାଦନ କରିବେ ।

(5) ବିଧି, ବିଜ୍ଞାନ ଓ ବୈଷୟିକ ବିଦ୍ୟା, ସମାଜସେବା, ମ୍ୟାନେଜ୍‌ମେଣ୍ଟ, ସାମ୍ବାଦିକତା, ଗଣମାଧ୍ୟମ ବା ପ୍ରଶାସନ ଓ ଶାସନ କ୍ଷେତ୍ରରେ ଗଭୀର ଜ୍ଞାନ ଓ ଅଭିଜ୍ଞତା ସହ ସାଧାରଣ ଜୀବନରେ ଖ୍ୟାତି ସମ୍ପନ୍ନ ବ୍ୟକ୍ତିମାନଙ୍କୁ ରାଜ୍ୟ ମୁଖ୍ୟ ସୂଚନା ଆୟୁକ୍ତ ଏବଂ ରାଜ୍ୟ ସୂଚନା ଆୟୁକ୍ତ ଭାବେ ନିଯୁକ୍ତି ଦିଆଯିବ ।

(6) ରାଜ୍ୟ ମୁଖ୍ୟ ସୂଚନା ଆୟୁକ୍ତ କିମ୍ବା କୌଣସି ରାଜ୍ୟ ସୂଚନା ଆୟୁକ୍ତ, ଯଥାସ୍ଥିତି, ସଂସଦର ସଭ୍ୟ କିମ୍ବା କୌଣସି ରାଜ୍ୟ ବା କେନ୍ଦ୍ରଶାସିତ ଅଞ୍ଚଳର ବିଧାନମଣ୍ଡଳର ସଭ୍ୟ ହୋଇ ନ ଥିବେ, କୌଣସି ଲାଭଜନକ ପଦ ଧାରଣ କରି ନ ଥିବେ, କୌଣସି ରାଜନୈତିକ ଦଳ ସହିତ ସମ୍ପୃକ୍ତ ହୋଇ ନ ଥିବେ ବା କୌଣସି ବ୍ୟବସାୟ କରୁ ନ ଥିବେ ବା କୌଣସି ବୃତ୍ତିରେ ସମ୍ପୃକ୍ତ ନ ଥିବେ ।

(7) ରାଜ୍ୟ ସୂଚନା ଆୟୋଗଙ୍କ ମୁଖ୍ୟ କାର୍ଯ୍ୟାଳୟ ରାଜ୍ୟ ସରକାର, ସରକାରୀ ଗେଜେଟ୍‌ରେ ଅଧିସୂଚନା ଦ୍ୱାରା ଯେପରି ବିନିର୍ଦ୍ଦିଷ୍ଟ କରିବେ, ରାଜ୍ୟର ସେପରି ସ୍ଥାନରେ ରହିବ ଏବଂ ରାଜ୍ୟ ସରକାରଙ୍କର ପୂର୍ବ ଅନୁମୋଦନ କ୍ରମେ ରାଜ୍ୟ ସୂଚନା ଆୟୋଗ, ରାଜ୍ୟର ଅନ୍ୟାନ୍ୟ ସ୍ଥାନମାନଙ୍କରେ କାର୍ଯ୍ୟାଳୟମାନ ସ୍ଥାପନ କରିପାରିବେ ।

କାର୍ଯ୍ୟକାଳ ଓ ସେବା ସର୍ତ୍ତାବଳୀ ।

16 (1) ରାଜ୍ୟ ମୁଖ୍ୟ ସୂଚନା ଆୟୁକ୍ତ ତାଙ୍କ କାର୍ଯ୍ୟରେ ଯୋଗଦାନ ଦିବସଠାରୁ ପାଞ୍ଚ ବର୍ଷ ପର୍ଯ୍ୟନ୍ତ ଉକ୍ତ ପଦବରେ ରହିବେ ଏବଂ ସେ ପୁନଃ ନିଯୁକ୍ତି ପାଇଁ ଯୋଗ୍ୟ ବିବେଚିତ ହେବେ ନାହିଁ :

ପରନ୍ତୁ ରାଜ୍ୟ ମୁଖ୍ୟ ସୂଚନା ଆୟୁକ୍ତ ପଞ୍ଚଷଠି ବର୍ଷ ବୟସ ଅତିକ୍ରମ କରିବାପରେ ଉକ୍ତ ପଦବୀରେ କାର୍ଯ୍ୟ କରିବେ ନାହିଁ ।

(2) ପ୍ରତ୍ୟେକ ରାଜ୍ୟ ସୂଚନା ଆୟୁକ୍ତ କାର୍ଯ୍ୟରେ ଯୋଗଦାନ ଦିବସଠାରୁ ପାଞ୍ଚ ବର୍ଷ ପର୍ଯ୍ୟନ୍ତ କିମ୍ବା ତାଙ୍କୁ ପଞ୍ଚଷଠି ବର୍ଷ ହେବା ପର୍ଯ୍ୟନ୍ତ ଏ ଦୁଇଟି ମଧ୍ୟରୁ ଯେଉଁଟି ପ୍ରଥମେ ପଡିବ, ସେ ପର୍ଯ୍ୟନ୍ତ ପଦ ଧାରଣ କରିବେ ଏବଂ ସେପରି ସୂଚନା ଆୟୁକ୍ତ ରୂପେ ପୁନଃ ନିଯୁକ୍ତି ପାଇଁ ଯୋଗ୍ୟ ବିବେଚିତ ହେବେ ନାହିଁ :

ପରନ୍ତୁ କୌଣସି ରାଜ୍ୟ ସୂଚନା ଆୟୁକ୍ତ, ଏହି ଉପଧାରା ଅନୁଯାୟୀ ତାଙ୍କ ପଦ ତ୍ୟାଗ କରି ଧାରା 15 ର ଉପଧାରା (3) ରେ ବିନିର୍ଦ୍ଦିଷ୍ଟ ରୀତିରେ ରାଜ୍ୟ ମୁଖ୍ୟ ସୂଚନା ଆୟୁକ୍ତ ଭାବରେ ନିଯୁକ୍ତ ପାଇଁ ଯୋଗ୍ୟ ବିବେଚିତ ହେବେ :

ଅଧିକନ୍ତୁ ଯଦି କୌଣସି ରାଜ୍ୟ ସୂଚନା ଆୟୁକ୍ତ, ରାଜ୍ୟ ମୁଖ୍ୟ ସୂଚନା ଆୟୁକ୍ତ ଭାବରେ ନିଯୁକ୍ତି ପାଆନ୍ତି, ତେବେ ରାଜ୍ୟ ସୂଚନା ଆୟୁକ୍ତ ଓ ରାଜ୍ୟ ମୁଖ୍ୟ ସୂଚନା ଆୟୁକ୍ତ ଭାବରେ ତାଙ୍କ ପଦର କାର୍ଯ୍ୟକାଳ ମୋଟ ପାଞ୍ଚ ବର୍ଷରୁ ଅଧିକ ହେବ ନାହିଁ ।

(3) ରାଜ୍ୟ ମୁଖ୍ୟ ସୂଚନା ଆୟୁକ୍ତ କିମ୍ବା ରାଜ୍ୟ ସୂଚନା ଆୟୁକ୍ତ କାର୍ଯ୍ୟରେ ଯୋଗଦେବା ପୂର୍ବରୁ ରାଜ୍ୟପାଳ, କିମ୍ବା ଏହି ଉପଲକ୍ଷେ ରାଜ୍ୟପାଳଙ୍କ ଦ୍ଵାରା ନିଯୁକ୍ତ ଅନ୍ୟ କୌଣସି ବ୍ୟକ୍ତିଙ୍କ ସମକ୍ଷରେ ଏହି ଅଧିନିୟମର ପ୍ରଥମ ଅନୁସୂଚୀରେ ଥିବା ଫର୍ମ ଅନୁସାରେ ଶପଥ କିମ୍ବା ପ୍ରତିଜ୍ଞାନ କରି ସେଥିରେ ସ୍ୱାକ୍ଷର କରିବେ ।

(4) ରାଜ୍ୟ ମୁଖ୍ୟ ସୂଚନା ଆୟୁକ୍ତ କିମ୍ବା କୌଣସି ରାଜ୍ୟ ସୂଚନା ଆୟୁକ୍ତ ଯେକୌଣସି ସମୟରେ ରାଜ୍ୟପାଳଙ୍କୁ ସମ୍ବୋଧିତ ହୋଇଥିବା ସ୍ୱହସ୍ତ ଲିଖିତ ଇସ୍ତଫାପତ୍ର ଦ୍ୱାରା ନିଜ ପଦରୁ ଇସ୍ତଫା ପ୍ରଦାନ କରିପାରିବେ :

ପରନ୍ତୁ ରାଜ୍ୟ ମୁଖ୍ୟ ସୂଚନା ଆୟୁକ୍ତ କିମ୍ବା ଯେକୌଣସି ରାଜ୍ୟ ସୂଚନା ଆୟୁକ୍ତ, ଧାରା 17 ରେ ବିନିର୍ଦ୍ଦିଷ୍ଟ ରୀତିରେ ନିଜ ପଦବୀରୁ ଅପସାରିତ ହୋଇପାରିବେ ।

(5) (କ) ରାଜ୍ୟ ମୁଖ୍ୟ ସୂଚନା ଆୟୁକ୍ତଙ୍କ ଦେୟ ଦରମା ଓ ଭତ୍ତା ତଥା ତାଙ୍କ ସେବାର ଅନ୍ୟାନ୍ୟ ନିବନ୍ଧନ ଓ ସର୍ତ୍ତାବଳୀ, ଜଣେ ନିର୍ବାଚନ ଆୟୁକ୍ତଙ୍କ ସହ ସମାନ ହେବ ;

(ଖ) ଜଣେ ରାଜ୍ୟ ସୂଚନା ଆୟୁକ୍ତଙ୍କ ଦେୟ ଦରମା ଓ ଭତ୍ତା ତଥା ତାଙ୍କ ସେବାର ଅନ୍ୟାନ୍ୟ ନିବନ୍ଧନ ଓ ସର୍ତ୍ତାବଳୀ, ରାଜ୍ୟ ସରକାରଙ୍କ ମୁଖ୍ୟ ଶାସନ ସଚିବଙ୍କ ସହ ସମାନ ହେବ :

ପରନ୍ତୁ ନିଯୁକ୍ତି ସମୟରେ ରାଜ୍ୟ ମୁଖ୍ୟ ସୂଚନା ଆୟୁକ୍ତ ବା ରାଜ୍ୟ ସୂଚନା ଆୟୁକ୍ତ ଯଦି କେନ୍ଦ୍ର ସରକାର ବା କୌଣସି ରାଜ୍ୟ ସରକାରଙ୍କ ଅଧୀନରେ ପୂର୍ବ ସେବା ଯୋଗୁଁ ଅକର୍ମଣ୍ୟତା ବା ଆଘାତଜନିତ ପେନ୍‌ସନ ଭିନ୍ନ ଅନ୍ୟ କୌଣସି ପେନ୍‌ସନ ପାଉଥିବେ, ତେବେ ରାଜ୍ୟ ମୁଖ୍ୟ ସୂଚନା ଆୟୁକ୍ତ ବା ରାଜ୍ୟ ସୂଚନା ଆୟୁକ୍ତ ଭାବେ ସେବା ସକାଶେ ତାଙ୍କର ବେତନରୁ, ପେନ୍‌ସନ ସମାନୁପାତିକ ଅବସରକାଳୀନ ଗ୍ରାଚ୍ୟୁଟିକୁ ଛାଡି ପେନ୍‌ସନ, କମ୍ୟୁଟେଡ ପେନ୍‌ସନ ଓ ଅନ୍ୟ ଅବସରକାଳୀନ ସୁବିଧା ବାବଦ ଦେୟ ପେନ୍‌ସନ ହ୍ରାସ କରାଯିବ :

ଅଧିକନ୍ତୁ ନିଯୁକ୍ତି ସମୟରେ, ରାଜ୍ୟ ମୁଖ୍ୟ ସୂଚନା ଆୟୁକ୍ତ କିମ୍ବା ରାଜ୍ୟ ସୂଚନା ଆୟୁକ୍ତ ଯଦି କୌଣସି କେନ୍ଦ୍ରୀୟ ଅଧିନିୟମ କିମ୍ବା ରାଜ୍ୟ ଅଧିନିୟମ ଦ୍ୱାରା ବା ଅନୁଯାୟୀ ପ୍ରତିଷ୍ଠିତ କୌଣସି ନିଗମ କିମ୍ବା କେନ୍ଦ୍ର ବା ରାଜ୍ୟ ସରକାରଙ୍କ ମାଲିକାନା କିମ୍ବା ନିୟନ୍ତ୍ରଣାଧୀନ କୌଣସି ସରକାରୀ କମ୍ପାନୀରେ ପୂର୍ବ ସେବା ଯୋଗୁଁ କୌଣସି ଅବସରକାଳୀନ ସୁବିଧା ସୁଯୋଗ ପାଉଥାନ୍ତି, ତେବେ ରାଜ୍ୟ ମୁଖ୍ୟ ସୂଚନା ଆୟୁକ୍ତ କିମ୍ବା ରାଜ୍ୟ ସୂଚନା ଆୟୁକ୍ତ ଭାବେ ତାଙ୍କ ବେତନରୁ ଅବସରକାଳୀନ ସମାନୁପାତିକ ପେନ୍‌ସନ ହ୍ରାସ କରାଯିବ :

ପୁନଶ୍ଚ ରାଜ୍ୟ ମୁଖ୍ୟ ସୂଚନା ଆୟୁକ୍ତ ଏବଂ ରାଜ୍ୟ ସୂଚନା ଆୟୁକ୍ତଙ୍କ ବେତନ, ଭତ୍ତା ଓ ସେବାର ଅନ୍ୟାନ୍ୟ ସର୍ତ୍ତାବଳୀ, ସେମାନଙ୍କ ନିଯୁକ୍ତି ପରେ ସେମାନଙ୍କୁ କୌଣସି କ୍ଷତି ପହଞ୍ଚାଇଲା ଭଳି ପରିବର୍ତ୍ତନ କରାଯିବନାହିଁ ।

(6) ଏହି ଅଧିନିୟମ ଅନୁଯାୟୀ ରାଜ୍ୟ ମୁଖ୍ୟ ସୂଚନା ଆୟୁକ୍ତ ଓ ରାଜ୍ୟ ସୂଚନା ଆୟୁକ୍ତ ସେମାନଙ୍କର କାର୍ଯ୍ୟ, ଦକ୍ଷତାର ସହ ସମ୍ପାଦନ କରିବା ନିମନ୍ତେ, ରାଜ୍ୟ ସରକାର ଆବଶ୍ୟକ ସଂଖ୍ୟକ ଅଧିକାରୀ ଓ କର୍ମଚାରୀ ନିଯୁକ୍ତିର ବ୍ୟବସ୍ଥା କରିବେ ଏବଂ ଏହି ଅଧିନିୟମ ଅନୁଯାୟୀ ନିଯୁକ୍ତ ଅଧିକାରୀ ଓ କର୍ମଚାରୀମାନଙ୍କର ବେତନ, ଭତ୍ତା ଓ ସେବାର ନିର୍ବନ୍ଧନ ଓ ସର୍ତ୍ତାବଳୀ ବିହିତ ହେବାମତେ ହେବ ।

ରାଜ୍ୟ ମୁଖ୍ୟ ସୂଚନା ଆୟୁକ୍ତ ବା ରାଜ୍ୟ ସୂଚନା ଆୟୁକ୍ତଙ୍କ ଅପସାରଣ ।

17 (1) ଉପଧାରା (3) ର ବ୍ୟବସ୍ଥାଗୁଡ଼ିକ ପ୍ରତି ସାପେକ୍ଷ ରହି, ରାଜ୍ୟପାଳଙ୍କ ଦ୍ୱାରା ଏକ ରେଫରେନ୍ସ କ୍ରମେ ତଦନ୍ତ କରିବାପରେ ଉଚ୍ଚତମ ନ୍ୟାୟାଳୟ ଯଦି ରିପୋର୍ଟ କରନ୍ତି ଯେ, ରାଜ୍ୟ ମୁଖ୍ୟ ସୂଚନା ଆୟୁକ୍ତ ବା, ଯଥାସ୍ଥିତି, କୌଣସି ରାଜ୍ୟ ସୂଚନା ଆୟୁକ୍ତ ଦୁର୍ବ୍ୟବହାର କରିଛନ୍ତି ବା ଅସମର୍ଥ ଅଟନ୍ତି ଏବଂ ସେହି କାରଣରୁ ତାଙ୍କୁ ଅପସାରଣ କରିବା ଉଚିତ୍, ତେବେ ସେହି କାରଣରୁ ରାଜ୍ୟପାଳ, ଆଦେଶ ଦ୍ୱାରା ହିଁ ରାଜ୍ୟ ମୁଖ୍ୟ ସୂଚନା ଆୟୁକ୍ତ ବା କୌଣସି ରାଜ୍ୟ ସୂଚନା ଆୟୁକ୍ତଙ୍କୁ ତାଙ୍କ ପଦରୁ ଅପସାରଣ କରିବେ ।

(2) ଯେଉଁ ରାଜ୍ୟ ମୁଖ୍ୟ ସୂଚନା ଆୟୁକ୍ତ ବା ରାଜ୍ୟ ସୂଚନା ଆୟୁକ୍ତଙ୍କ ସମ୍ବନ୍ଧରେ ଉପଧାରା (1) ଅନୁଯାୟୀ ଉଚ୍ଚତମ ନ୍ୟାୟାଳୟକୁ ଏକ ରେଫେରେନ୍ସ କରାଯାଇଥିବ, ସେହି ରେଫେରେନ୍ସ ଉପରେ ଉଚ୍ଚତମ ନ୍ୟାୟାଳୟଙ୍କ ରିପୋର୍ଟ ପାଇ ତା ଉପରେ ରାଜ୍ୟପାଳ ଆଦେଶ ନ ଦେବା ପର୍ଯ୍ୟନ୍ତ ତଦନ୍ତ ସମୟ ମଧ୍ୟରେ ରାଜ୍ୟପାଳ ତାଙ୍କୁ ପଦରୁ ନିଲମ୍ବିତ କରିପାରିବେ ଓ ଯଦି ଆବଶ୍ୟକ ମନେ କରନ୍ତି ତେବେ କାର୍ଯ୍ୟାଳୟରେ ଯୋଗଦେବାରୁ ମଧ୍ୟ ବାରଣ କରିପାରିବେ ।

(3) ଯଦି ରାଜ୍ୟ ମୁଖ୍ୟ ସୂଚନା ଆୟୁକ୍ତ ବା, ଯଥାସ୍ଥିତି, କୌଣସି ରାଜ୍ୟ ସୂଚନା ଆୟୁକ୍ତ :-

(କ) ଦେବାଳିଆ ବୋଲି ନ୍ୟାୟନିର୍ଣ୍ଣିତ ହୋଇଥିବେ ; କିମ୍ବା

(ଖ) ଏପରି ଅପରାଧରେ ଦୋଷୀ ସାବ୍ୟସ୍ତ ହୋଇଥିବେ, ଯାହାକି ରାଜ୍ୟପାଳଙ୍କ ମତରେ ନୈତିକ ଭ୍ରଷ୍ଟାଚାର ଅଟେ ; କିମ୍ବା

(ଗ) ନିଜ ପଦବୀରେ ଥିବା ସମୟରେ ପଦୀୟ କର୍ତ୍ତବ୍ୟର ପରିଧି ବାହାରେ ଅନ୍ୟ କୌଣସି ସବୈତନିକ କାର୍ଯ୍ୟରେ ନିୟୋଜିତ ହୋଇଥିବେ ; କିମ୍ବା

(ଘ) ରାଜ୍ୟପାଳଙ୍କ ମତରେ ଶାରୀରିକ ବା ମାନସିକ ଦୃଷ୍ଟିରୁ ଆଉ କାର୍ଯ୍ୟ କରିବାକୁ ଅସମର୍ଥ ଅଟନ୍ତି ; କିମ୍ବା

(ଙ) ଏପରି ଆର୍ଥିକ ବା ଅନ୍ୟାନ୍ୟ ସ୍ୱାର୍ଥ ଜଡ଼ିତ କାର୍ଯ୍ୟରେ ଲିପ୍ତ ଯାହା କି ରାଜ୍ୟ ମୁଖ୍ୟ ସୂଚନା ଆୟୁକ୍ତ ବା କୌଣସି ରାଜ୍ୟ ସୂଚନା ଆୟୁକ୍ତ ଭାବେ ତାଙ୍କ କୃତ୍ୟ ସଂପାଦନ ପ୍ରତି ପ୍ରତିକୂଳ ପ୍ରଭାବ ପକାଇବ ;

ତେବେ ଉପଧାରା (1)ରେ ଯାହା କିଛି ଥିବା ସତ୍ତ୍ୱେ, ରାଜ୍ୟପାଳ ଆଦେଶ ଦ୍ୱାରା ରାଜ୍ୟ ମୁଖ୍ୟ ସୂଚନା ଆୟୁକ୍ତ ବା ଜଣେ ରାଜ୍ୟ ସୂଚନା ଆୟୁକ୍ତଙ୍କୁ ପଦରୁ ଅପସାରଣ କରିପାରିବେ ।

(4) ରାଜ୍ୟ ସରକାରଙ୍କ ଦ୍ୱାରା ବା ତରଫରୁ କରାଯାଇଥିବା କୌଣସି ଚୁକ୍ତି ବା ରାଜିନାମାରେ, ରାଜ୍ୟ ମୁଖ୍ୟ ସୂଚନା ଆୟୁକ୍ତ କିମ୍ବା ଜଣେ ରାଜ୍ୟ ସୂଚନା ଆୟୁକ୍ତ ଯଦି କୌଣସି ମତେ ସଂପୃକ୍ତ ବା ସ୍ୱାର୍ଥାନ୍ୱିତ ଥିବେ ବା ଏକ ନିଗମିତ କଂପାନିର ସାଧାରଣ ସଦସ୍ୟମାନଙ୍କ ଭିତରୁ ଜଣେ ସଦସ୍ୟ ଭିନ୍ନ, ଅନ୍ୟଥା ତହିଁରୁ କୌଣସି ପ୍ରକାରର ଲାଭ ବା କୌଣସି ସୁବିଧା ବା ପାରିଶ୍ରମିକ ନେଉଥିବେ, ତେବେ ଉପଧାରା (1) ଉଦ୍ଦେଶ୍ୟରେ ସେ ଦୁର୍ବ୍ୟବହାର କରିଛନ୍ତି ବୋଲି ବିବେଚିତ ହେବେ ।

## ଅଧ୍ୟାୟ V

## ସୂଚନା ଆୟୋଗଙ୍କ କ୍ଷମତା ଏବଂ କୃତ୍ୟ, ଅପିଲ ଏବଂ ଶାସ୍ତି

ସୂଚନା ଆୟୋଗଙ୍କ କ୍ଷମତା ଓ କୃତ୍ୟ ।

18. (1) ଏହି ଅଧିନିୟମର ବ୍ୟବସ୍ଥାଗୁଡ଼ିକର ସାପେକ୍ଷତାରେ ନିମ୍ନଲିଖିତ ବ୍ୟକ୍ତିବିଶେଷଙ୍କଠାରୁ ଅଭିଯୋଗ ଗ୍ରହଣ କରିବା ଏବଂ ତାହାର ବିଧିବଦ୍ଧ ତଦନ୍ତ କରିବା, କେନ୍ଦ୍ରୀୟ ସୂଚନା ଆୟୋଗ ବା, ଯଥାସ୍ଥିତ, ରାଜ୍ୟ ସୂଚନା ଆୟୋଗଙ୍କ କର୍ତ୍ତବ୍ୟ ହେବ,—

(କ) ଯେଉଁ ବ୍ୟକ୍ତି ଏହି ଅଧିନିୟମ ଅନୁଯାୟୀ ଏକେତ ଏପରି କୌଣସି ଅଧିକାରୀ ନିଯୁକ୍ତ ହୋଇ ନ ଥିବା କାରଣରୁ ଯଥାସ୍ଥିତି, କେନ୍ଦ୍ରୀୟ ସୂଚନା ଆୟୁକ୍ତ ବା ରାଜ୍ୟ ସୂଚନା ଆୟୁକ୍ତଙ୍କୁ ଆବେଦନ ପ୍ରଦାନ କରିବାକୁ ଅସମର୍ଥ ହୋଇଛନ୍ତି ନତୁବା କେନ୍ଦ୍ରୀୟ ସହାୟକ ଲୋକ ସୂଚନା ଅଧିକାରୀ ବା, ଯଥାସ୍ଥିତି, ରାଜ୍ୟ ସହାୟକ ଲୋକ ସୂଚନା ଅଧିକାରୀ, ଏହି ଅଧିନିୟମ ଅନୁଯାୟୀ ସୂଚନା ପ୍ରାପ୍ତି ପାଇଁ ତାଙ୍କର ଆବେଦନ ବା ଅପିଲକୁ ଗ୍ରହଣ କରି, ତାହା କେନ୍ଦ୍ରୀୟ ଲୋକ ସୂଚନା ଅଧିକାରୀ ବା ରାଜ୍ୟ ଲୋକ ସୂଚନା ଅଧିକାରୀ ବା ଧାରା 19 ର ଉପଧାରା (1) ରେ ବିନିର୍ଦ୍ଦିଷ୍ଟ ବରିଷ୍ଠ ଅଧିକାରୀ ବା, ଯଥାସ୍ଥିତି, କେନ୍ଦ୍ରୀୟ ସୂଚନା ଆୟୋଗ ବା ରାଜ୍ୟ ସୂଚନା ଆୟୋଗଙ୍କ ନିକଟକୁ ପଠାଇବା ପାଇଁ ପ୍ରତ୍ୟାଖ୍ୟାନ କରିଛନ୍ତି ;

(ଖ) ଏହି ଅଧିନିୟମ ଅନୁଯାୟୀ କୌଣସି ସୂଚନା ପ୍ରାପ୍ତି ନିମନ୍ତେ ଯାହାଙ୍କର ଆବେଦନ ପ୍ରତ୍ୟାଖ୍ୟାତ ହୋଇଛି ;

(ଗ) ଏହି ଅଧିନିୟମ ଅନୁଯାୟୀ ବିନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଯିଏ ସୂଚନା ପାଇନାହାଁନ୍ତି ବା ସୂଚନା ପ୍ରାପ୍ତି ନିମନ୍ତେ ତାଙ୍କ ଆବେଦନର ପ୍ରତ୍ୟୁତ୍ତର ପାଇନାହାଁନ୍ତି ;

(ଘ) ଦାଖଲ କରିବାକୁ ପଡୁଥିବା ଫିସ୍‌କୁ ଯିଏ ଯୁକ୍ତିଯୁକ୍ତ ନୁହେଁ ବୋଲି ବିବେଚନା କରନ୍ତି ;

(ଙ) ଯିଏ ବିଶ୍ୱାସ କରନ୍ତି ଯେ ଏହି ଅଧିନିୟମ ଅନୁଯାୟୀ ତାଙ୍କୁ ଦିଆଯାଇଥିବା ତଥ୍ୟ ଅସମ୍ପୂର୍ଣ୍ଣ, ବିଭ୍ରାନ୍ତିକର ବା ମିଥ୍ୟା ; ଏବଂ

(ଚ) ଏହି ଅଧିନିୟମ ଅନୁଯାୟୀ ଆବେଦନ କରିବା କିମ୍ବା ରେକର୍ଡ଼ପତ୍ର ଯାଞ୍ଚ କରିବା ସମ୍ବନ୍ଧୀୟ ଯେକୌଣସି ବିଷୟବସ୍ତୁ ।

(2) ଯଦି କେନ୍ଦ୍ରୀୟ ସୂଚନା ଆୟୁକ୍ତ ବା, ଯଥାସ୍ଥିତି, ରାଜ୍ୟ ସୂଚନା ଆୟୁକ୍ତଙ୍କ ହୃଦ୍‌ବୋଧ ହେବ ଯେ, ବିଷୟଟିର ତଦନ୍ତ ନିମନ୍ତେ ଯୁକ୍ତିଯୁକ୍ତ କାରଣ ରହିଛି, ତେବେ ସେ ଏହାର ବିଧିବଦ୍ଧ ତଦନ୍ତ ଆରମ୍ଭ କରିପାରିବେ ।

(3) ସିଭିଲ୍ ପ୍ରକ୍ରିୟା ସଂହିତା, 1908 ଅନୁଯାୟୀ ଏକ ମକଦ୍ଦମାର ବିଚାର କଲାବେଳେ ଏକ ସିଭିଲ୍ ନ୍ୟାୟାଳୟର ଯେଉଁ କ୍ଷମତାମାନ ରହିଛି, ଏହି ଅଧିନିୟମ ଅନୁଯାୟୀ କୌଣସି ବିଷୟର ତଦନ୍ତ କଲାବେଳେ ଯଥାସ୍ଥିତି, କେନ୍ଦ୍ରୀୟ ସୂଚନା ଆୟୋଗ ବା ରାଜ୍ୟ ସୂଚନା ଆୟୋଗଙ୍କ ସେହି କ୍ଷମତାମାନ ରହିବ, ଯଥା :— 1908 ର 5

(କ) ସଂପୃକ୍ତ ବ୍ୟକ୍ତିମାନଙ୍କ ନିକଟକୁ ସମନ ଜାରି କରିବା ଓ ସେମାନଙ୍କୁ ହାଜର ହେବା ନିମନ୍ତେ ବାଧ୍ୟ କରିବା ଏବଂ ଶପଥ ପୂର୍ବକ ମୌଖିକ କିମ୍ବା ଲିଖିତ ସାକ୍ଷ୍ୟ ପ୍ରଦାନ କରିବା ଏବଂ ଦସ୍ତାବିଜ୍ ବା ଦ୍ରବ୍ୟ ଉପସ୍ଥାପନ କରିବା ;

(ଖ) ଆବଶ୍ୟକୀୟ ଦସ୍ତାବିଜ୍‌ଗୁଡ଼ିକର ଆବିଷ୍କାର ଓ ନିରୀକ୍ଷଣ କରିବା ;

(ଗ) ଆଫିଡେଭିଟ୍ ଦ୍ୱାରା ସାକ୍ଷ୍ୟ ଗ୍ରହଣ କରିବା ;

(ଘ) କୌଣସି ନ୍ୟାୟାଳୟ ବା ଦପ୍ତରରୁ ସରକାରୀ ରେକର୍ଡ଼ ବା ତାହାର ନକଲମାନ ବରାଦ କରିବା ;

(ଙ) ସାକ୍ଷୀ କିମ୍ବା ଦସ୍ତାବିଜ୍‌ଗୁଡ଼ିକର ପରୀକ୍ଷା ନିରୀକ୍ଷା ପାଇଁ ସମନ ଜାରି କରିବା ; ଏବଂ

(ଚ) ବିହିତ ଅନ୍ୟାନ୍ୟ ବିଷୟମାନ ।

(4) ସଂସଦ ବା ରାଜ୍ୟ ବିଧାନମଣ୍ଡଳର ଅନ୍ୟାନ୍ୟ ଅଧିନିୟମରେ ଅସଙ୍ଗତ ଯାହା କିଛି ଥିବା ସତ୍ତ୍ୱେ, ଏହି ଅଧିନିୟମ ଅନୁଯାୟୀ କୌଣସି ଅଭିଯୋଗର ତଦନ୍ତ କଲାବେଳେ କେନ୍ଦ୍ରୀୟ ସୂଚନା ଆୟୋଗ ବା, ଯଥାସ୍ଥିତି, ରାଜ୍ୟ ସୂଚନା ଆୟୋଗ, ସରକାରୀ କର୍ତ୍ତୃପକ୍ଷଙ୍କ ନିୟନ୍ତ୍ରଣାଧୀନ କୌଣସି ରେକର୍ଡ଼କୁ, ଯାହାପ୍ରତି ଏହି ଅଧିନିୟମ ପ୍ରଯୁଜ୍ୟ, ପରୀକ୍ଷା ନିରୀକ୍ଷା କରିପାରିବେ ଏବଂ କୌଣସି କାରଣରୁ ସେପରି କୌଣସି ରେକର୍ଡ଼ ତାଙ୍କୁ ଦେବା ପାଇଁ ମନା କରା ଯାଇପାରିବ ନାହିଁ ।

ଅପିଲ । **19.** (1) ଯେଉଁ ବ୍ୟକ୍ତି, ଧାରା 7 ର ଉପଧାରା (1) ବା ଉପଧାରା (3) ର ଖଣ୍ଡ (କ) ରେ ବିନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ କୌଣସି ନିଷ୍ପତ୍ତି ନ ପାଆନ୍ତି କିମ୍ବା, ଯଥାସ୍ଥିତି, କେନ୍ଦ୍ରୀୟ ଲୋକ ସୂଚନା ଅଧିକାରୀ ବା ରାଜ୍ୟ ଲୋକ ସୂଚନା ଅଧିକାରୀଙ୍କ ନିଷ୍ପତ୍ତିରେ କ୍ଷୁବ୍ଧ ହୁଅନ୍ତି, ସେ, ସେପରି କାଳାବଧିର ଅବସାନ ତାରିଖଠାରୁ ବା ନିଷ୍ପତ୍ତି ପାଇବା ତାରିଖଠାରୁ, ତିରିଶ ଦିନ ମଧ୍ୟରେ ପ୍ରତ୍ୟେକ ସରକାରୀ କର୍ତ୍ତୃପକ୍ଷଙ୍କ କେନ୍ଦ୍ରୀୟ ଲୋକ ସୂଚନା ଅଧିକାରୀ ବା, ଯଥାସ୍ଥିତି, ରାଜ୍ୟ ଲୋକ ସୂଚନା ଅଧିକାରୀଙ୍କଠାରୁ ବରିଷ୍ଠ ଅଧିକାରୀଙ୍କ ସମକ୍ଷରେ ଅପିଲ କରିପାରିବେ :

ପରନ୍ତୁ ଯଦି ପର୍ଯ୍ୟାପ୍ତ କାରଣ ହେତୁ ଅପିଲକାରୀ ଠିକ୍ ସମୟରେ ଅପିଲ ଦାଖଲ କରି ପାରିନାହାନ୍ତି ବୋଲି ଉକ୍ତ ଅଧିକାରୀଙ୍କର ହୃଦ୍‌ବୋଧ ହେବ, ତେବେ ସେ ଉକ୍ତ ତିରିଶ ଦିନ କାଳାବଧିର ଅବସାନ ପରେ ମଧ୍ୟ ଅପିଲଟି ବିଚାରପାଇଁ ଗ୍ରହଣ କରିପାରିବେ ।

(2) ଧାରା 11 ଅନୁଯାୟୀ ତୃତୀୟ ପକ୍ଷ ସୂଚନା ପ୍ରକାଶ କରିବାକୁ ଜଣେ କେନ୍ଦ୍ରୀୟ ଲୋକ ସୂଚନା ଅଧିକାରୀ ବା, ଯଥାସ୍ଥିତି, ଜଣେ ରାଜ୍ୟ ଲୋକ ସୂଚନା ଅଧିକାରୀଙ୍କ ଆଦେଶ ବିରୁଦ୍ଧରେ ଏକ ଅପିଲ କରାଯାଇଥିବା ସ୍ଥଳେ, ଉକ୍ତ ଅପିଲ, ଆଦେଶ ତାରିଖଠାରୁ ତିରିଶ ଦିନ ମଧ୍ୟରେ ସଂପୃକ୍ତ ତୃତୀୟ ପକ୍ଷଙ୍କ ଦ୍ୱାରା ଆଗତ କରାଯିବ ।

(3) ଯେଉଁ ତାରିଖରେ ନିଷ୍ପତ୍ତି ନିଆଯିବା ଉଚିତ ଥିଲା ବା ନିଷ୍ପତ୍ତି ପ୍ରକୃତରେ ମିଳିଲା, ସେହି ତାରିଖଠାରୁ ନବେ ଦିନ ମଧ୍ୟରେ, ଉପଧାରା (1) ଅନୁଯାୟୀ ନିଷ୍ପତ୍ତି ବିରୁଦ୍ଧରେ ଏକ ଦ୍ୱିତୀୟ ଅପିଲ, କେନ୍ଦ୍ରୀୟ ସୂଚନା ଆୟୋଗ ବା ରାଜ୍ୟ ସୂଚନା ଆୟୋଗ ନିକଟରେ ଆଗତ କରାଯିବ :

ପରନ୍ତୁ ଯଦି ପର୍ଯ୍ୟାପ୍ତ କାରଣ ହେତୁ ଅପିଲକାରୀ ଠିକ୍ ସମୟରେ ଅପିଲ ଦାଖଲ କରିପାରି ନାହାନ୍ତି ବୋଲି, ଯଥାସ୍ଥିତି, କେନ୍ଦ୍ରୀୟ ସୂଚନା ଆୟୋଗ ବା ରାଜ୍ୟ ସୂଚନା ଆୟୋଗଙ୍କ ହୃଦ୍‌ବୋଧ ହେବ; ତେବେ, ସେ ଉକ୍ତ ନବେ ଦିନ କାଳାବଧିର ଅବସାନ ପରେ ମଧ୍ୟ ଅପିଲଟି ବିଚାର ପାଇଁ ଗ୍ରହଣ କରିପାରିବେ ।

(4) ଯଦି ଏକ ତୃତୀୟ ପକ୍ଷର ସୂଚନା ସମ୍ବନ୍ଧରେ କେନ୍ଦ୍ରୀୟ ଲୋକ ସୂଚନା ଅଧିକାରୀ ବା ଯଥାସ୍ଥିତି, ରାଜ୍ୟ ଲୋକ ସୂଚନା ଅଧିକାରୀଙ୍କ କୌଣସି ନିଷ୍ପତ୍ତି ବିରୁଦ୍ଧରେ ଏକ ଅପିଲ ଆଗତ କରାଯାଇଥାଏ, ତେବେ କେନ୍ଦ୍ରୀୟ ସୂଚନା ଆୟୋଗ ବା, ଯଥାସ୍ଥିତି, ରାଜ୍ୟ ସୂଚନା ଆୟୋଗ, ସେହି ତୃତୀୟ ପକ୍ଷଙ୍କୁ ଶୁଣାଣିର ଏକ ଯୁକ୍ତିଯୁକ୍ତ ସୁଯୋଗ ଦେବେ ।

(5) କୌଣସି ଏକ ଅପିଲ କାର୍ଯ୍ୟବିଧିରେ, ଏକ ଆବେଦନକୁ ଅଗ୍ରାହ୍ୟ କରିବା ଯଥାର୍ଥ ଥିଲା ବୋଲି ପ୍ରମାଣ କରିବା ଭାର, ଯଥାସ୍ଥିତି, ଯେଉଁ କେନ୍ଦ୍ରୀୟ ଲୋକ ସୂଚନା ଅଧିକାରୀ ବା ରାଜ୍ୟ ଲୋକ ସୂଚନା ଅଧିକାରୀ ଉକ୍ତ ଆବେଦନକୁ ଅଗ୍ରାହ୍ୟ କରିଥିଲେ, ତାଙ୍କ ଉପରେ ନ୍ୟସ୍ତ ହେବ ।

(6) ଉପଧାରା (1) ବା ଉପଧାରା (2) ଅନୁଯାୟୀ ଏକ ଅପିଲ, ଯଥାସ୍ଥିତି, ଅପିଲ ମିଳିବାର ତିରିଶ ଦିନ ମଧ୍ୟରେ ବା କାରଣମାନ ଅଭିଲିଖିତ କରି ତାହା ଦାଖଲ ହେବା ତାରିଖଠାରୁ ସମୁଦାୟ ପଇଁଚାଳିଶ ଦିନରୁ ଅନଧିକ ବର୍ଦ୍ଧିତ କାଳାବଧି ମଧ୍ୟରେ ଫଏସଲା କରାଯିବ ।

(7) କେନ୍ଦ୍ରୀୟ ସୂଚନା ଆୟୋଗ ବା, ଯଥାସ୍ଥିତି, ରାଜ୍ୟ ସୂଚନା ଆୟୋଗଙ୍କ ନିଷ୍ପତ୍ତି ବାଧ୍ୟକର ଅଟେ ।

(8) ନିଷ୍ପତ୍ତି ନେବା ପାଇଁ କେନ୍ଦ୍ରୀୟ ସୂଚନା ଆୟୋଗ ବା, ଯଥାସ୍ଥିତି, ରାଜ୍ୟ ସୂଚନା ଆୟୋଗଙ୍କ ନିମ୍ନୋକ୍ତ କ୍ଷମତା ରହିବ :—

(କ) ଏହି ଅଧିନିୟମର ବ୍ୟବସ୍ଥାଗୁଡ଼ିକୁ ସାବ୍ୟସ୍ତ କରିବାକୁ ଆବଶ୍ୟକ ଯେକୌଣସି ପଦକ୍ଷେପ ନେବାପାଇଁ ସରକାରୀ କର୍ତ୍ତୃପକ୍ଷଙ୍କୁ ନିମ୍ନୋକ୍ତ ଆଦେଶ ସମେତ ଯେ କୌଣସି ଆଦେଶ ଦେଇପାରିବେ ;

(i) ଯଦି ଆବେଦନ କରାଯାଇଥାଏ, ତେବେ ଏକ ନିର୍ଦ୍ଦିଷ୍ଟ ଫର୍ମରେ ସୂଚନା ପ୍ରଦାନ କରିବା ;

(ii) ଜଣେ କେନ୍ଦ୍ରୀୟ ଲୋକ ସୂଚନା ଅଧିକାରୀ ବା, ଯଥାସ୍ଥିତି, ରାଜ୍ୟ ଲୋକ ସୂଚନା ଅଧିକାରୀଙ୍କୁ ନିଯୁକ୍ତି ଦେବା ;

(iii) କେତେକ ସୂଚନା ବା କେତେକ ବର୍ଗର ସୂଚନା ପ୍ରକାଶ କରିବା ;

(iv) ରେକର୍ଡ଼ଗୁଡ଼ିକର ରକ୍ଷଣାବେକ୍ଷଣ, ପରିଚାଳନା ଏବଂ ନଷ୍ଟ କରିବାର ପ୍ରକ୍ରିୟାରେ ଆବଶ୍ୟକୀୟ ପରିବର୍ତ୍ତନ ଆଣିବା ;

(v) ଅଧିକାରୀମାନଙ୍କୁ ସୂଚନା ଅଧିକାର ସମ୍ବନ୍ଧୀୟ ପ୍ରଶିକ୍ଷଣ ବ୍ୟବସ୍ଥାରେ ଉନ୍ନତି ଘଟାଇବା ;

(vi) ଧାରା 4 ର ଉପଧାରା (1) ର ଖଣ୍ଡ (ଖ) ର ଅନୁପାଳନ ନିମନ୍ତେ ତାହାଙ୍କୁ ଏକ ବାର୍ଷିକ ରିପୋର୍ଟ ଯୋଗାଇଦେବା ;

(ଖ) ଅଭିଯୋଗକାରୀଙ୍କ କୌଣସି କ୍ଷତି ବା ଅନ୍ୟାନ୍ୟ ହାନି ହୋଇଥିଲେ, ସରକାରୀ କର୍ତ୍ତୃପକ୍ଷ ତାଙ୍କୁ କ୍ଷତିପୂରଣ ଦେବାକୁ ଆଦେଶ ଦେଇପାରିବେ ;

(ଗ) ଏହି ଅଧିନିୟମରେ ବ୍ୟବସ୍ଥିତ ଯେକୌଣସି ଶାସ୍ତି ବିଧାନ କରିପାରିବେ ;

(ଘ) ଦରଖାସ୍ତ ଖାରଜ କରିପାରିବେ ।

(9) କେନ୍ଦ୍ରୀୟ ସୂଚନା ଆୟୋଗ କିମ୍ବା, ଯଥାସ୍ଥିତି, ରାଜ୍ୟ ସୂଚନା ଆୟୋଗ, ଅଭିଯୋଗକାରୀ ଏବଂ ସରକାରୀ କର୍ତ୍ତୃପକ୍ଷଙ୍କୁ କୌଣସି ଅପିଲ ଅଧିକାର ସମେତ ନିଜର ନିଷ୍ପତ୍ତିର ନୋଟିସ ପ୍ରଦାନ କରିବେ ।

(10) କେନ୍ଦ୍ରୀୟ ସୂଚନା ଆୟୋଗ ବା, ଯଥାସ୍ଥିତି, ରାଜ୍ୟ ସୂଚନା ଆୟୋଗ ବିହିତ ହେବା ମତେ ପ୍ରକ୍ରିୟା ଅନୁସାରେ ଅପିଲର ନିଷ୍ପତ୍ତି କରିବେ ।

ଶାସ୍ତି ବିଧାନ ।

20. (1) ଯଦି କେନ୍ଦ୍ରୀୟ ସୂଚନା ଆୟୋଗ ବା, ଯଥାସ୍ଥିତି, ରାଜ୍ୟ ସୂଚନା ଆୟୋଗ କୌଣସି ଅଭିଯୋଗ ବା ଅପିଲର ନିଷ୍ପତ୍ତି ନେବାବେଳେ ମତପୋଷଣ କରନ୍ତି ଯେ, କେନ୍ଦ୍ରୀୟ ଲୋକ ସୂଚନା ଅଧିକାରୀ ବା, ଯଥାସ୍ଥିତି, ରାଜ୍ୟ ଲୋକ ସୂଚନା ଅଧିକାରୀ, କୌଣସି ଯୁକ୍ତିଯୁକ୍ତ କାରଣ ନ ଥାଇ ସୂଚନା ପ୍ରାପ୍ତି ନିମନ୍ତେ ଦରଖାସ୍ତ ଗ୍ରହଣ କରିବାକୁ ପ୍ରତ୍ୟାଖ୍ୟାନ କରିଛନ୍ତି କିମ୍ବା ଧାରା 7 ର ଉପଧାରା (1) ଅନୁଯାୟୀ ବିନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ସୂଚନା ଯୋଗାଇଦେଇ ନାହାଁନ୍ତି କିମ୍ବା ମନ୍ଦ ଉଦ୍ଦେଶ୍ୟ ରଖି ସୂଚନା ଯୋଗାଇବା ପାଇଁ ଆବେଦନକୁ ମନା କରିଛନ୍ତି କିମ୍ବା ଜାଣିଶୁଣି ଅସତ୍ୟ, ଅସମ୍ପୂର୍ଣ୍ଣ ବା ଭ୍ରମାତ୍ମକ ସୂଚନା ପ୍ରଦାନ କରିଛନ୍ତି କିମ୍ବା ଆବେଦନର ବିଷୟ ବସ୍ତୁ ଥିବା ସୂଚନାକୁ ନଷ୍ଟ କରି ଦେଇଛନ୍ତି କିମ୍ବା ସୂଚନା ପ୍ରଦାନ କରିବାରେ କୌଣସି ପ୍ରକାର ବାଧା ସୃଷ୍ଟି କରିଛନ୍ତି, ତେବେ ଆୟୋଗ ଦରଖାସ୍ତ ଗ୍ରହଣ କରାଯିବା ପର୍ଯ୍ୟନ୍ତ ବା ସୂଚନା ପ୍ରଦାନ କରାଯିବା ପର୍ଯ୍ୟନ୍ତ ଦିନକୁ ଦୁଇ ଶହ ପଚାଶ ଟଙ୍କା ହାରରେ ଶାସ୍ତି ବିଧାନ କରିପାରିବେ, କିନ୍ତୁ କୌଣସି କ୍ଷେତ୍ରରେ ସେପରି ଶାସ୍ତିର ସମୁଦାୟ ପରିମାଣ ପଚିଶ ହଜାର ଟଙ୍କାରୁ ଅଧିକ ହେବ ନାହିଁ :

ପରନ୍ତୁ ତାଙ୍କୁ ଦଣ୍ଡବିଧାନ କରିବା ପୂର୍ବରୁ କେନ୍ଦ୍ରୀୟ ଲୋକ ସୂଚନା ଅଧିକାରୀ ବା, ଯଥାସ୍ଥିତି, ରାଜ୍ୟ ଲୋକ ସୂଚନା ଅଧିକାରୀଙ୍କୁ ଶୁଣାଣିର ଏକ ଯୁକ୍ତିଯୁକ୍ତ ସୁଯୋଗ ଦିଆଯିବ :

ଅଧିକନ୍ତୁ କେନ୍ଦ୍ରୀୟ ଲୋକ ସୂଚନା ଅଧିକାରୀ ବା, ଯଥାସ୍ଥିତି, ରାଜ୍ୟ ଲୋକ ସୂଚନା ଅଧିକାରୀ, ଯୁକ୍ତିଯୁକ୍ତ ଭାବେ ଓ ତତ୍ପରତାର ସହିତ କାର୍ଯ୍ୟ କରିଥିଲେ ବୋଲି ପ୍ରମାଣ କରିବା ଭାର ତାଙ୍କ ଉପରେ ନ୍ୟସ୍ତ ହେବ ।

(2) ଯଦି କେନ୍ଦ୍ରୀୟ ସୂଚନା ଆୟୋଗ ବା, ଯଥାସ୍ଥିତି, ରାଜ୍ୟ ସୂଚନା ଆୟୋଗ କୌଣସି ଅଭିଯୋଗ ବା ଅପିଲର ନିଷ୍ପତ୍ତି ନେବାବେଳେ ମତପୋଷଣ କରନ୍ତି ଯେ, କେନ୍ଦ୍ରୀୟ ଲୋକ ସୂଚନା ଅଧିକାରୀ ବା, ଯଥାସ୍ଥିତି, ରାଜ୍ୟ ଲୋକ ସୂଚନା ଅଧିକାରୀ କୌଣସି ଯୁକ୍ତିଯୁକ୍ତ କାରଣ ନ ଥାଇ ଏବଂ ଆପତ୍ତି ସତ୍ତ୍ୱେ ଲଗାତାର ସୂଚନା ପ୍ରାପ୍ତି ପାଇଁ ଆବେଦନକୁ ଗ୍ରହଣ କରିବାରେ ବିଫଳ ହୋଇଛନ୍ତି କିମ୍ବା ଧାରା 7 ର ଉପଧାରା (1) ଅନୁଯାୟୀ ବିନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ସୁଚନା ଯୋଗାଇ ଦେଇନାହାଁନ୍ତି କିମ୍ବା ମନ୍ଦ ଉଦ୍ଦେଶ୍ୟ ରଖି ସୂଚନା ଯୋଗାଇଦେବା ପାଇଁ ଆବେଦନକୁ ମନା କରିଛନ୍ତି କିମ୍ବା ଜାଣିଶୁଣି ଅସତ୍ୟ, ଅସମ୍ପୂର୍ଣ୍ଣ ବା ଭ୍ରମାତ୍ମକ ସୂଚନା ପ୍ରଦାନ କରିଛନ୍ତି କିମ୍ବା ଆବେଦନର ବିଷୟବସ୍ତୁ ଥିବା ସୂଚନାକୁ ନଷ୍ଟ କରିଦେଇଛନ୍ତି କିମ୍ବା ସୂଚନା ପ୍ରଦାନ କରିବାରେ କୌଣସି ପ୍ରକାର ବାଧା ସୃଷ୍ଟି କରିଛନ୍ତି, ତେବେ କେନ୍ଦ୍ରୀୟ ଲୋକ ସୂଚନା ଅଧିକାରୀ ବା, ଯଥାସ୍ଥିତି, ରାଜ୍ୟ ଲୋକ ସୂଚନା ଅଧିକାରୀଙ୍କ ବିରୁଦ୍ଧରେ ତାଙ୍କ ପ୍ରତି ପ୍ରଯୁଜ୍ୟ ସେବା ନିୟମାବଳୀ ଅନୁଯାୟୀ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନିମନ୍ତେ ଆୟୋଗ ସୁପାରିଶ କରିବେ ।

## ଅଧ୍ୟାୟ VI
## ବିବିଧ

ସଦ୍‌ବିଶ୍ୱାସରେ କରାଯାଇଥିବା କାର୍ଯ୍ୟାନୁଷ୍ଠାନ ନିମନ୍ତେ ସୁରକ୍ଷା ।

21. ଏହି ଅଧିନିୟମ ଅନୁଯାୟୀ ବା ତଦ୍‌ଧୀନ ପ୍ରଣୀତ କୌଣସି ନିୟମାବଳୀ ଅନୁଯାୟୀ ସଦ୍ ବିଶ୍ୱାସରେ କରାଯାଇଥିବା କିମ୍ବା କରିବା ପାଇଁ ଆଶାୟିତ କୌଣସି କାର୍ଯ୍ୟ ପାଇଁ କୌଣସି ବ୍ୟକ୍ତିଙ୍କ ବିରୁଦ୍ଧରେ କୌଣସି ମକଦ୍ଦମା, ଅଭିଯୋଜନ କିମ୍ବା ଅନ୍ୟ କୌଣସି ବିଧିକ କାର୍ଯ୍ୟବିଧି କରାଯିବ ନାହିଁ ।

ଅଧିନିୟମର ଅଧ୍ୟାରୋହୀ ପ୍ରଭାବ ।

22. ସରକାରୀ ଗୋପନୀୟତା ଅଧିନିୟମ, 1923 ଓ ତଦ୍‌ସମୟେ ପ୍ରବୃତ୍ତ ଅନ୍ୟ କୌଣସି ବିଧି ବା ଏହି ଅଧିନିୟମ ଭିନ୍ନ ଅନ୍ୟ କୌଣସି ବିଧିର ମାନ୍ୟତା ଥିବା କୌଣସି ବିଲେଖରେ ଅସଙ୍ଗତ ଯାହା କିଛି ଥିବା ସତ୍ତ୍ୱେ, ଏହି ଅଧିନିୟମର ବ୍ୟବସ୍ଥାଗୁଡିକ ପ୍ରଭାବୀ ହେବ । 1923 ର 19

ନ୍ୟାୟାଳୟର ଅଧିକାରିତା ପ୍ରତି ପ୍ରତିବନ୍ଧ ।

23. ଏହି ଅଧିନିୟମ ଅନୁଯାୟୀ ଦିଆଯାଇଥିବା କୌଣସି ଆଦେଶ ସମ୍ପର୍କରେ କୌଣସି ନ୍ୟାୟାଳୟ, କୌଣସି ମକଦ୍ଦମା, ଆବେଦନ କିମ୍ବା ଅନ୍ୟ କୌଣସି କାର୍ଯ୍ୟବିଧି ଗ୍ରହଣ କରିବେ ନାହିଁ ଏବଂ ଏହି ଅଧିନିୟମ ଅନୁଯାୟୀ ଅପିଲ ଭିନ୍ନ ଅନ୍ୟ କୌଣସି ପ୍ରକାରେ ଏଭଳି ଆଦେଶ ଉପରେ ପ୍ରଶ୍ନ କରାଯାଇପାରିବ ନାହିଁ ।

କେତେକ ସଙ୍ଗଠନ ପ୍ରତି ଅଧିନିୟମ ପ୍ରଯୁଜ୍ୟ ହେବ ନାହିଁ ।

24. (1) ଦ୍ୱିତୀୟ ଅନୁସୂଚୀରେ ବିନିର୍ଦ୍ଦିଷ୍ଟ ଗୁପ୍ତ ସୂଚନା ଓ ନିରାପତ୍ତା ସଙ୍ଗଠନଗୁଡିକ, ଯାହା କେନ୍ଦ୍ର ସରକାରଙ୍କ ଦ୍ୱାରା ସ୍ଥାପିତ, ସେଗୁଡିକ ପ୍ରତି ବା ସେପରି ସଙ୍ଗଠନଗୁଡିକ ସେହି ସରକାରଙ୍କୁ ଦେଉଥିବା କୌଣସି ସୂଚନା ପ୍ରତି, ଏହି ଅଧିନିୟମର କୌଣସି ବିଷୟ ପ୍ରଯୁଜ୍ୟ ହେବ ନାହିଁ :

ପରନ୍ତୁ ଭ୍ରଷ୍ଟାଚାରର ଅଭିକଥନ ଏବଂ ମାନବିକ ଅଧିକାରର ଉଲ୍ଲଙ୍ଘନ ସମ୍ବନ୍ଧୀୟ ସୂଚନା ଏହି ଉପଧାରା ଅନୁଯାୟୀ ବାଦ ଦିଆଯିବ ନାହିଁ :

ଅଧିକନ୍ତୁ ମାନବିକ ଅଧିକାର ଉଲ୍ଲଙ୍ଘନର ଅଭିକଥନ ସମ୍ବନ୍ଧୀୟ ସୂଚନା ଯଦି ମଗାଯାଏ ତେବେ କେବଳ କେନ୍ଦ୍ରୀୟ ସୂଚନା ଆୟୋଗଙ୍କର ଅନୁମୋଦନ କ୍ରମେ ତାହା ଦିଆଯିବ ଏବଂ ଧାରା 7ରେ ଯାହା କିଛି ଥିବା ସତ୍ତ୍ୱେ, ଆବେଦନ ଗ୍ରହଣର ପଇଁଚାଳିଶ ଦିନ ମଧ୍ୟରେ ଏଭଳି ସୂଚନା

(2) କେନ୍ଦ୍ର ସରକାର ସରକାରୀ ଗେଜେଟରେ ଅଧିସୂଚନା ଦ୍ୱାରା, ସରକାରଙ୍କ ଦ୍ୱାରା ସ୍ଥାପିତ ଅନ୍ୟ କୌଣସି ଗୁପ୍ତସୂଚନା ବା ନିରାପତ୍ତା ସଙ୍ଗଠନକୁ ଅନ୍ତର୍ଭୁକ୍ତ କରିବା ପାଇଁ କିମ୍ବା ସେଥିରେ ଥିବା କୌଣସି ସଙ୍ଗଠନକୁ ଏଥିରୁ ବାଦ୍ ଦେବା ପାଇଁ, ଅନୁସୂଚୀରେ ସଂଶୋଧନ କରିପାରିବେ ଏବଂ ଏପରି ଅଧିସୂଚନା ପ୍ରକାଶିତ ହେବା ମାତ୍ରେ ଏଭଳି ସଙ୍ଗଠନ ଅନୁସୂଚୀରେ ଅନ୍ତର୍ଭୁକ୍ତ ବା, ଯଥାସ୍ଥିତି, ଅନୁସୂଚୀରୁ ବାଦ୍ ହେଲା ବୋଲି ବିବେଚିତ ହେବ ।

(3) ଉପଧାରା (2) ଅନୁଯାୟୀ ନିର୍ଗମିତ ପ୍ରତ୍ୟେକ ଅଧିସୂଚନା ସଂସଦର ପ୍ରତ୍ୟେକ ଗୃହରେ ଉପସ୍ଥାପିତ କରାଯିବ ।

(4) ରାଜ୍ୟ ସରକାରଙ୍କ ଦ୍ୱାରା ସ୍ଥାପିତ ସେପରି କୌଣସି ଗୁପ୍ତସୂଚନା ଓ ନିରାପତ୍ତା ସଙ୍ଗଠନ ପ୍ରତି, ଏହି ଅଧିନିୟମର କୌଣସି ବିଷୟ ପ୍ରଯୁଜ୍ୟ ହେବ ନାହିଁ, ଯାହାକି ଉକ୍ତ ସରକାର ଅଧିସୂଚନା ଦ୍ୱାରା ସମୟକୁ ସମୟ ସରକାରୀ ଗେଜେଟରେ ବିନିର୍ଦ୍ଦିଷ୍ଟ କରିବେ :

ପରନ୍ତୁ ଭ୍ରଷ୍ଟାଚାରର ଅଭିକଥନ ଏବଂ ମାନବିକ ଅଧିକାରର ଉଲ୍ଲଙ୍ଘନ ସମ୍ବନ୍ଧୀୟ ସୂଚନା ଏହି ଉପଧାରା ଅନୁଯାୟୀ ବାଦ ଦିଆଯିବ ନାହିଁ :

ଅଧିକନ୍ତୁ ମାନବିକ ଅଧିକାର ଉଲ୍ଲଙ୍ଘନର ଅଭିକଥନ ସମ୍ବନ୍ଧୀୟ ସୂଚନା ଯଦି ମଗାଯାଏ, ତେବେ କେବଳ ରାଜ୍ୟ ସୂଚନା ଆୟୋଗଙ୍କର ଅନୁମୋଦନ କ୍ରମେ ତାହା ଦିଆଯିବ ଏବଂ ଧାରା 7ରେ ଯାହା କିଛି ଥିବା ସତ୍ତ୍ୱେ, ଆବେଦନ ଗ୍ରହଣର ହେବା ତାରିଖଠାରୁ ପଇଁଚାଳିଶ ଦିନ ମଧ୍ୟରେ ଏଭଳି ସୂଚନା ଯୋଗାଇ ଦିଆଯିବ ।

(5) ଉପଧାରା (4) ଅନୁଯାୟୀ ନିର୍ଗମିତ ପ୍ରତ୍ୟେକ ଅଧିସୂଚନା ରାଜ୍ୟ ବିଧାନମଣ୍ଡଳରେ ଉପସ୍ଥାପିତ କରାଯିବ ।

ତଦାରଖ ଓ ରିପୋର୍ଟ ପ୍ରଦାନ ।

25. (1) କେନ୍ଦ୍ରୀୟ ସୂଚନା ଆୟୋଗ କିମ୍ବା, ଯଥାସ୍ଥିତି, ରାଜ୍ୟ ସୂଚନା ଆୟୋଗ ପ୍ରତ୍ୟେକ ବର୍ଷ ଶେଷରେ ଯଥା ସମ୍ଭବ ଶୀଘ୍ର, ସେହି ବର୍ଷ ମଧ୍ୟରେ ଏହି ଅଧିନିୟମର ବ୍ୟବସ୍ଥାଗୁଡ଼ିକର କାର୍ଯ୍ୟକାରୀତା ସମ୍ପର୍କୀୟ ଏକ ରିପୋର୍ଟ ପ୍ରସ୍ତୁତ କରିବେ ଏବଂ ତାହାର ଏକ ନକଲ ସମୁଚିତ ସରକାରଙ୍କ ନିକଟକୁ ପଠାଇବେ ।

(2) ପ୍ରତ୍ୟେକ ମନ୍ତ୍ରଣାଳୟ ବା ବିଭାଗ ସେମାନଙ୍କର ନିଜ ନିଜ ଅଧିକାରୀତାରେ ଥିବା ସରକାରୀ କର୍ତ୍ତୃପକ୍ଷଙ୍କ ସମ୍ପର୍କିତ ସୂଚନା ସଂଗ୍ରହ କରିବେ ଏବଂ ଏହି ଉପଧାରା ଅନୁଯାୟୀ ରିପୋର୍ଟ ପ୍ରସ୍ତୁତ କରିବା ପାଇଁ ଆବଶ୍ୟକ ହେବା ମତେ ସେପରି ସୂଚନା, ଯଥାସ୍ଥିତି, କେନ୍ଦ୍ରୀୟ ସୂଚନା ଆୟୋଗ ବା ରାଜ୍ୟ ସୂଚନା ଆୟୋଗଙ୍କୁ ଯୋଗାଇ ଦେବେ ଏବଂ ଏହି ଧାରା ଉଦ୍ଦେଶ୍ୟରେ ସେହି ସୂଚନା ସମ୍ପର୍କିତ ଆବଶ୍ୟକତା ଅନୁପାଳନ କରିବେ ଓ ସୂଚନା ଯୋଗାଇବା ପାଇଁ ରେକର୍ଡ ରଖିବେ ।

(3) ଯେଉଁ ବର୍ଷ ସମ୍ପର୍କରେ ରିପୋର୍ଟ କରାଯାଉଥିବ ସେପରି ପ୍ରତ୍ୟେକ ରିପୋର୍ଟରେ ନିମ୍ନଲିଖିତ ସୂଚନାମାନ ଉଲ୍ଲେଖ କରାଯିବ :—

(କ) ପ୍ରତ୍ୟେକ ସରକାରୀ କର୍ତ୍ତୃପକ୍ଷଙ୍କୁ କେତେ ସଂଖ୍ୟକ ଆବେଦନ କରାଯାଇଛି ;

(ଖ) କରାଯାଇଥିବା ଆବେଦନ ମଧ୍ୟରୁ କେତେ ସଂଖ୍ୟକ ନିଷ୍ପତ୍ତିରେ ଦରଖାସ୍ତକାରୀମାନେ ଦସ୍ତାବିଜ ସମ୍ପର୍କିତ ସୂଚନା ପାଇବାକୁ ହକ୍‌ଦାର ନୁହନ୍ତି ବୋଲି ଅଗ୍ରାହ୍ୟ କରାଯାଇଛି ଏବଂ ଏହି ଅଧିନିୟମରେ କେଉଁ ଧାରା ଅନୁଯାୟୀ ଏପରି ନିଷ୍ପତ୍ତି ନିଆଯାଇଛି ଏବଂ କେତେ ଥର ଏହି ଧାରାର ଉପଯୋଗ କରାଯାଇଛି ;

(ଗ) କେନ୍ଦ୍ରୀୟ ସୂଚନା ଆୟୋଗ ବା, ଯଥାସ୍ଥିତି, ରାଜ୍ୟ ସୂଚନା ଆୟୋଗଙ୍କ ନିକଟକୁ ରିଭ୍ୟୁ ନିମନ୍ତେ କେତୋଟି ଅପିଲ କରାଯାଇଛି, ଏହି ଅପିଲର ସ୍ୱଭାବ ଏବଂ ଫଳାଫଳ ;

(ଘ) ଏହି ଅଧିନିୟମର ପ୍ରୟୋଗକ୍ରମେ କୌଣସି ଅଧିକାରୀଙ୍କ ବିରୁଦ୍ଧରେ ଗ୍ରହଣ କରାଯାଇଥିବା ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ସମ୍ପର୍କିତ ବିବରଣୀ ;

(ଙ) ପ୍ରତ୍ୟେକ ସରକାରୀ କର୍ତ୍ତୃପକ୍ଷଙ୍କ ଦ୍ୱାରା ଏହି ଅଧିନିୟମ ଅନୁଯାୟୀ କେତେ ଫିସ୍ ଆଦାୟ କରାଯାଇଛି ;

(ଚ) ସରକାରୀ କର୍ତ୍ତୃପକ୍ଷମାନେ ଏହି ଅଧିନିୟମର ଅନ୍ତର୍ନିହିତ ଉଦ୍ଦେଶ୍ୟ ଓ ଅଭିପ୍ରାୟକୁ କାର୍ଯ୍ୟକାରୀ କରିବା ଦିଗରେ କରିଥିବା ଉଦ୍ୟମ ସମ୍ପର୍କିତ ତଥ୍ୟାବଳୀ ;

(ଛ) ସୂଚନା ଅଧିକାରକୁ କାର୍ଯ୍ୟକାରୀ କରିବା ସକାଶେ ଏହି ଅଧିନିୟମ ବା ଅନ୍ୟାନ୍ୟ ବିଧାନ ବା ସାଧାରଣ ବିଧି ବା ଅନ୍ୟାନ୍ୟ ସୁସଂଗତ ବିଷୟର ବିକାଶ, ଉନ୍ନତିସାଧନ, ଆଧୁନିକୀକରଣ, ସଂସ୍କାର ବା ସଂଶୋଧନ ପାଇଁ ନିର୍ଦ୍ଦିଷ୍ଟ ସରକାରୀ କର୍ତ୍ତୃପକ୍ଷଙ୍କ ସମ୍ବନ୍ଧରେ ସୁପାରିଶ ସମେତ ସଂସ୍କାର ପାଇଁ ସୁପାରିଶମାନ ।

(4) କେନ୍ଦ୍ର ସରକାର ବା, ଯଥାସ୍ଥିତି, ରାଜ୍ୟ ସରକାର ପ୍ରତ୍ୟେକ ବର୍ଷ ଶେଷରେ ଯଥା ସମ୍ଭବ ଶୀଘ୍ର ଉପଧାରା (1) ରେ ସୂଚୀତ, ଯଥାସ୍ଥିତି, କେନ୍ଦ୍ରୀୟ ସୂଚନା ଆୟୋଗ ବା ରାଜ୍ୟ ସୂଚନା ଆୟୋଗଙ୍କ ରିପୋର୍ଟର ଏକ ନକଲ, ଯଥାସ୍ଥିତି, ସଂସଦର ଉଭୟ ଗୃହରେ ବା ଯେଉଁଠାରେ ରାଜ୍ୟ ବିଧାନମଣ୍ଡଳର ଦୁଇଟି ଗୃହ ଥିବ ସେଠାରେ ଉଭୟ ଗୃହରେ ଆଗତ କରିବେ ଏବଂ ଯେଉଁଠାରେ ରାଜ୍ୟ ବିଧାନମଣ୍ଡଳର ଗୋଟିଏ ଗୃହ ଥିବ ସେଠାର ସେହି ଗୃହରେ ଆଗତ କରିବେ ।

(5) କେନ୍ଦ୍ରୀୟ ସୂଚନା ଆୟୋଗ ବା, ଯଥାସ୍ଥିତି, ରାଜ୍ୟ ସୂଚନା ଆୟୋଗଙ୍କୁ ଯଦି ପ୍ରତୀତ ହୁଏ ଯେ, ଏକ ସରକାରୀ କର୍ତ୍ତୃପକ୍ଷ ଏହି ଅଧିନିୟମ ଅନୁଯାୟୀ ତାଙ୍କ କୃତ୍ୟ ସମ୍ପାଦନ କଲାବେଳେ ଯେଉଁ ପଦ୍ଧତି ଅନୁସରଣ କରୁଛନ୍ତି ତାହା ଏହି ଅଧିନିୟମର ବ୍ୟବସ୍ଥା ବା ଅନ୍ତର୍ନିହିତ ଉଦ୍ଦେଶ୍ୟର ଅନୁରୂପ ନୁହେଁ, ତେବେ ତାଙ୍କ ମତରେ ସେପରି ଅନୁରୂପତା ଆଣିବା ପାଇଁ ଯେଉଁ ସବୁ ପଦକ୍ଷେପ ନିଆଯିବା ଉଚିତ ସେପରି ପଦକ୍ଷେପମାନ ସୂଚାଇ କର୍ତ୍ତୃପକ୍ଷଙ୍କୁ ଏକ ସୁପାରିଶ କରିପାରିବେ ।

ସମୁଚିତ ସରକାର କାର୍ଯ୍ୟକ୍ରମମାନ ପ୍ରସ୍ତୁତ କରିବେ ।

26. (1) ସମୁଚିତ ସରକାର, ନିଜର ଆର୍ଥିକ ଓ ଅନ୍ୟାନ୍ୟ ସମ୍ବଳକୁ ଦୃଷ୍ଟିରେ ରଖି :—

(କ) ସାଧାରଣ ଜନତା, ବିଶେଷକରି ପ୍ରତିକୂଳ ପରିସ୍ଥିତିରେ ବସବାସ କରୁଥିବା ଗୋଷ୍ଠୀର ଲୋକମାନେ ଏହି ଅଧିନିୟମରେ ଥିବା ଅଧିକାରକୁ ସାବ୍ୟସ୍ତ କରିବା ପାଇଁ ବୋଧଗମ୍ୟ ହେବାଭଳି ଶିକ୍ଷା ଓ ସଚେତନତା କାର୍ଯ୍ୟକ୍ରମମାନ ଆୟୋଜନ କରିବେ ;

(ଖ) ଖଣ୍ଡ (କ) ରେ ସୂଚିତ କାର୍ଯ୍ୟକ୍ରମର ପ୍ରସ୍ତୁତି ଓ ଆୟୋଜନରେ ଅଂଶଗ୍ରହଣ କରିବା ପାଇଁ ଏବଂ ନିଜେ ସେପରି କାର୍ଯ୍ୟକ୍ରମମାନ ଆୟୋଜନ କରିବା ପାଇଁ ସରକାରୀ କର୍ତ୍ତୃପକ୍ଷମାନଙ୍କୁ ଉତ୍ସାହିତ କରିବେ ;

(ଗ) ସରକାରୀ କର୍ତ୍ତୃପକ୍ଷମାନଙ୍କୁ ସେମାନଙ୍କ କାର୍ଯ୍ୟକଳାପ ସମ୍ପର୍କରେ ସଠିକ୍ ସୂଚନା ଠିକ୍ ସମୟରେ ଓ ଫଳପ୍ରଦଭାବେ ପ୍ରସାର କରିବା ପାଇଁ ପ୍ରୋତ୍ସାହିତ କରିବେ ; ଏବଂ

(ଘ) ସରକାରୀ କର୍ତ୍ତୃପକ୍ଷମାନଙ୍କ ଯଥାସ୍ଥିତି କେନ୍ଦ୍ରୀୟ ଲୋକ ସୂଚନା ଅଧିକାରୀ ବା ରାଜ୍ୟ ଲୋକ ସୂଚନା ଅଧିକାରୀମାନଙ୍କୁ ପ୍ରଶିକ୍ଷିତ କରିବେ ଏବଂ ସରକାରୀ କର୍ତ୍ତୃପକ୍ଷଙ୍କ ଉପଯୋଗ ପାଇଁ ପ୍ରଶିକ୍ଷଣ ଉପକରଣ ଯୋଗାଇଦେବେ ।

(2) ଏହି ଅଧିନିୟମ ପ୍ରାରମ୍ଭ ତାରିଖଠାରୁ ଅଠର ମାସ ମଧ୍ୟରେ ସମୁଚିତ ସରକାର, ସହଜରେ ବୋଧଗମ୍ୟ ହେବାଭଳି ନିଜର ସରକାରୀ ଭାଷାରେ ସୂଚନା ସମ୍ବଳିତ ନିର୍ଦ୍ଦେଶାବଳୀ ପ୍ରସ୍ତୁତ କରିବେ, ଯାହାଫଳରେ କୌଣସି ଇଚ୍ଛୁକ ବ୍ୟକ୍ତି ଏହି ଅଧିନିୟମ ଅନୁଯାୟୀ ଯୁକ୍ତିଯୁକ୍ତ ଭାବେ ନିଜର ଅଧିକାର ସାବ୍ୟସ୍ତ କରିପାରିବେ ।

(3) ଯଦି ଆବଶ୍ୟକ ହୁଏ, ତେବେ ସମୁଚିତ ସରକାର ଉପଧାରା (2) ରେ ସୂଚିତ ମାର୍ଗଦର୍ଶନକୁ ନିୟମିତ ବ୍ୟବଧାନରେ ଅଦ୍ୟତନ କରି ପ୍ରକାଶ କରିବେ ଏବଂ ଉପଧାରା (2) ର ବ୍ୟାପକତାକୁ ବିରୁଦ୍ଧାଚରଣ ନକରି ନିମ୍ନଲିଖିତ ବିଷୟ ଉପରେ ଏହି ନିର୍ଦ୍ଦେଶାବଳୀରେ ଉଲ୍ଲେଖ ରହିବ —

(କ) ଏହି ଅଧିନିୟମର ଉଦ୍ଦେଶ୍ୟ ;

(ଖ) ଧାରା 5 ର ଉପଧାରା (1) ଅନୁଯାୟୀ ନିଯୁକ୍ତି ପାଇଥିବା ପ୍ରତ୍ୟେକ ସରକାରୀ କର୍ତ୍ତୃପକ୍ଷଙ୍କ କେନ୍ଦ୍ରୀୟ ଲୋକ ସୂଚନା ଅଧିକାରୀ ବା ରାଜ୍ୟ ଲୋକ ସୂଚନା ଅଧିକାରୀଙ୍କ ଡାକ ଠିକଣା, ଫୋନ ଓ ଫ୍ୟାକ୍ସ ନମ୍ବର ,ଏବଂ ଯଦି ଥାଏ ତେବେ ଇ-ମେଲ୍ ଠିକଣା ;

(ଗ) କେନ୍ଦ୍ରୀୟ ଲୋକ ସୂଚନା ଅଧିକାରୀ ବା, ଯଥାସ୍ଥିତି, ରାଜ୍ୟ ଲୋକ ସୂଚନା ଅଧିକାରୀଙ୍କୁ କେଉଁ ରୀତିରେ ଓ ପଦ୍ଧତିରେ ସୂଚନା ପ୍ରାପ୍ତି ନିମନ୍ତେ ଆବେଦନ କରାଯିବ ;

(ଘ) ଏହି ଅଧିନିୟମ ଅନୁଯାୟୀ ଏକ ସରକାରୀ କର୍ତ୍ତୃପକ୍ଷଙ୍କ କେନ୍ଦ୍ରୀୟ ଲୋକ ସୂଚନା ଅଧିକାରୀ ବା, ଯଥାସ୍ଥିତି, ରାଜ୍ୟ ଲୋକ ସୂଚନା ଅଧିକାରୀଙ୍କ କର୍ତ୍ତବ୍ୟ କ'ଣ ଓ ତାଙ୍କଠାରୁ କେଉଁ ପ୍ରକାର ସହାୟତା ମିଳିପାରିବ ;

(ଙ) କେନ୍ଦ୍ରୀୟ ସୂଚନା ଆୟୋଗ ବା ଯଥାସ୍ଥିତି, ରାଜ୍ୟ ସୂଚନା ଆୟୋଗଙ୍କଠାରୁ କେଉଁ ପ୍ରକାରର ସହାୟତା ମିଳିପାରିବ ;

(ଚ) ଏହି ଅଧିନିୟମ ଦ୍ୱାରା ଅର୍ପିତ ବା ନ୍ୟସ୍ତ ଅଧିକାର ଓ କର୍ତ୍ତବ୍ୟ ସମ୍ବନ୍ଧୀୟ କୌଣସି କାର୍ଯ୍ୟ କିମ୍ବା କାର୍ଯ୍ୟରେ ବିଫଳତା କ୍ଷେତ୍ରରେ ଉପଲବ୍ଧ ହେବା ସମସ୍ତ ପ୍ରକାର ବିଧିଗତ ପ୍ରତିକାର ବ୍ୟବସ୍ଥା ସମେତ ଆୟୋଗଙ୍କ ନିକଟରେ ଅପିଲ କରିବାର ରୀତି ;

(ଛ) ଧାରା 4 ଅନୁସାରେ କେଉଁ କେଉଁ ବର୍ଗର ରେକର୍ଡମାନ ସ୍ୱେଚ୍ଛାକୃତ ପ୍ରକାଶ କରାଯିବ ସେ ବିଷୟକ ବ୍ୟବସ୍ଥା ;

(ଜ) କୌଣସି ସୂଚନା ପାଇବା ପାଇଁ ଆବେଦନ ସମ୍ବନ୍ଧୀୟ ନୋଟିସ୍ ; ଏବଂ

(ଝ) ଏହି ଅଧିନିୟମ ଅନୁସାରେ ସୂଚନା ପାଇବା ସମ୍ପର୍କରେ କରାଯାଇଥିବା ବା ନିର୍ଗମିତ କୌଣସି ଅତିରିକ୍ତ ବିନିୟମ କିମ୍ବା ପରିପତ୍ର ।

(4) ସମୁଚିତ ସରକାର ଯଦି ଆବଶ୍ୟକ ହୁଏ ତେବେ ନିୟମିତ ବ୍ୟବଧାନରେ ଏହି ନିର୍ଦ୍ଦେଶାବଳୀକୁ ଅଦ୍ୟତନ କରିବେ ଓ ପ୍ରକାଶ କରିବେ ।

ସମୁଚିତ ସରକାରଙ୍କ ଦ୍ୱାରା ନିୟମାବଳୀ ପ୍ରଣୟନ କ୍ଷମତା ।

27. (1) ଏହି ଅଧିନିୟମ ଅନ୍ତର୍ଗତ ବ୍ୟବସ୍ଥାଗୁଡ଼ିକୁ କାର୍ଯ୍ୟକାରୀ କରିବା ନିମନ୍ତେ ସମୁଚିତ ସରକାର, ସରକାରୀ ଗେଜେଟରେ ଅଧିସୂଚନା ଦ୍ୱାରା ନିୟମାବଳୀ ପ୍ରଣୟନ କରିପାରିବେ ।

(2) ବିଶେଷତଃ ଏବଂ ପୂର୍ବବର୍ତ୍ତୀ କ୍ଷମତାର ବ୍ୟାପକତା ପ୍ରତି କୌଣସି ପ୍ରତିକୂଳ ପ୍ରଭାବ ନ ପକାଇ ଏହି ନିୟମାବଳୀରେ ନିମ୍ନୋକ୍ତ ସମସ୍ତ ବା ଯେକୌଣସି ବିଷୟ ପାଇଁ ବ୍ୟବସ୍ଥା କରାଯାଇପାରିବ :—

(କ) ଧାରା 4 ର ଉପଧାରା (4) ଅନୁଯାୟୀ ମାଧ୍ୟମର ମୂଲ୍ୟ କିମ୍ବା ଯୋଗାଇ ଦେବାକୁ ଥିବା ବସ୍ତୁର ଛାପା ମୂଲ୍ୟ ;

(ଖ) ଧାରା 6 ର ଉପଧାରା (1) ଅନୁଯାୟୀ ପ୍ରଦେୟ ଫିସ୍ ;

(ଗ) ଧାରା 7 ର ଉପଧାରା (1) ଓ (5) ଅନୁଯାୟୀ ପ୍ରଦେୟ ଫିସ୍ ;

(ଘ) ଧାରା 13 ର ଉପଧାରା (6) ଏବଂ ଧାରା 16 ର ଉପଧାରା (6) ଅନୁଯାୟୀ ଅଧିକାରୀ ଏବଂ କର୍ମଚାରୀମାନଙ୍କୁ ପ୍ରଦେୟ ବେତନ ଓ ଭତ୍ତା ଏବଂ ସେବାର ନିର୍ବନ୍ଧନ ଓ ସର୍ତ୍ତାବଳୀ ;

(ଙ) ଧାରା 19 ର ଉପଧାରା (10) ଅନୁଯାୟୀ କେନ୍ଦ୍ରୀୟ ସୂଚନା ଆୟୋଗ ବା ରାଜ୍ୟ ସୂଚନା ଆୟୋଗଙ୍କ ଦ୍ୱାରା ଅପିଲ ନିଷ୍ପତ୍ତି କରିବା ପାଇଁ ଅବଲମ୍ବନ ହେବା ପ୍ରକ୍ରିୟା ; ଏବଂ

(ଚ) ବିହିତ ହେବା ପାଇଁ ଆବଶ୍ୟକଥିବା ବା ବିହିତ ହେବା ମତେ ଅନ୍ୟ କୌଣସି ବିଷୟ ।

ସକ୍ଷମ କର୍ତ୍ତୃପକ୍ଷଙ୍କ ଦ୍ୱାରା ନିୟମାବଳୀ ପ୍ରଣୟନ କରିବା କ୍ଷମତା ।

28. (1) ଏହି ଅଧିନିୟମ ଅନ୍ତର୍ଗତ ବ୍ୟବସ୍ଥାଗୁଡ଼ିକୁ କାର୍ଯ୍ୟକାରୀ କରିବା ନିମନ୍ତେ ସକ୍ଷମ କର୍ତ୍ତୃପକ୍ଷ , ସରକାରୀ ଗେଜେଟରେ ଅଧିସୂଚନା ଦ୍ୱାରା ନିୟମାବଳୀ ପ୍ରଣୟନ କରିପାରିବେ ।

(2) ବିଶେଷତଃ ଓ ପୂର୍ବବର୍ତ୍ତୀ କ୍ଷମତାର ବ୍ୟାପକତା ପ୍ରତି ପ୍ରତିକୂଳ ପ୍ରଭାବ ନ ପକାଇ ନିୟମାବଳୀରେ ନିମ୍ନୋକ୍ତ ସମସ୍ତ ବା ଯେକୌଣସି ବିଷୟ ପାଇଁ ବ୍ୟବସ୍ଥା କରାଯାଇପାରିବ ଯଥା :--

(i) ଧାରା 4 ର ଉପଧାରା (4) ଅନୁଯାୟୀ ମାଧ୍ୟମର ମୂଲ୍ୟ କିମ୍ବା ଯୋଗାଇ ଦେବାକୁ ଥିବା ବସ୍ତୁର ଛାପା ମୂଲ୍ୟ ;

(ii) ଧାରା 6 ର ଉପଧାରା (1) ଅନୁଯାୟୀ ପ୍ରଦେୟ ଫିସ୍ ;

(iii) ଧାରା 7 ର ଉପଧାରା (1) ଅନୁଯାୟୀ ପ୍ରଦେୟ ଫିସ୍ ; ଏବଂ

(iv) ବିହିତ ହେବା ପାଇଁ ଆବଶ୍ୟକଥିବା ବା ବିହିତ ହେବା ମତେ ଅନ୍ୟ କୌଣସି ବିଷୟ ।

ନିୟମାବଳୀର ଉପସ୍ଥାପନ ।

29. (1) ଏହି ଅଧିନିୟମ ଅନୁଯାୟୀ କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରଣୀତ ପ୍ରତ୍ୟେକ ନିୟମ ଏହା ପ୍ରଣୀତ ହେବାପରେ ଯଥା ସମ୍ଭବ ଶୀଘ୍ର ସଂସଦର ପ୍ରତ୍ୟେକ ଗୃହ ସମକ୍ଷରେ ତାହା ଅଧିବେଶନରେ ଥିବା କାଳରେ ମୋଟ ତିରିଶ ଦିନ କାଳାବଧି ଲାଗି ଉପସ୍ଥାପିତ ହେବ ଯେଉଁ କାଳାବଧି କି ଗୋଟିଏ ଅଧିବେଶନ ବା ଦୁଇଟି କ୍ରମାଗତ ଅଧିବେଶନର ଅନ୍ତର୍ଭୁକ୍ତ ହୋଇପାରିବ ଓ ଯଦି ଯେଉଁ ଅଧିବେଶନରେ ଏପରି ଉପସ୍ଥାପିତ ହୁଏ ସେହି ଅଧିବେଶନର ବା ତାହାର ଅବ୍ୟବହିତ ପରବର୍ତ୍ତୀ ଅଧିବେଶନର ଅବସାନ ପୂର୍ବରୁ ଉଭୟ ଗୃହ ନିୟମରେ କୌଣସି ରୂପଭେଦନ କରିବା ଲାଗି ସହମତି ହୁଅନ୍ତି ବା ନିୟମଟି ଏହିପରି ପ୍ରଣୀତ ହେବା ଅନୁଚିତ ବୋଲି ସହମତ ହୁଅନ୍ତି ତେବେ ସେହି ନିୟମଟି ତାହାପରେ ସେହି ରୂପଭେଦିତ ଆକାରରେ ହିଁ ପ୍ରଭାବୀ ହେବ ବା ଯଥାସ୍ଥିତି, ପ୍ରଭାବହୀନ ହେବ ; ଅବଶ୍ୟ ଏପରି କୌଣସି ରୂପଭେଦନ ବା ପ୍ରଭାବହୀନତା ସେହି ନିୟମ ଅନୁଯାୟୀ ପୂର୍ବରୁ କରାଯାଇଥିବା କୌଣସି କାର୍ଯ୍ୟର ବିଧିମାନ୍ୟତା ପ୍ରତି ପ୍ରତିକୂଳ ହେବନାହିଁ ।

(2) ଏହି ଅଧିନିୟମ ଅନୁଯାୟୀ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଣୀତ ପ୍ରତ୍ୟେକ ନିୟମ, ଯଥା ସମ୍ଭବ ଶୀଘ୍ର ଅଧିସୂଚିତ ହେବା ପରେ ଯଥାସମ୍ଭବ ଶୀଘ୍ର ରାଜ୍ୟ ବିଧାନମଣ୍ଡଳରେ ଉପସ୍ଥାପିତ ହେବ ।

ଅସୁବିଧା ଦୂର କରିବା ପାଇଁ କ୍ଷମତା ।

30. (1) ଏହି ଅଧିନିୟମର ବ୍ୟବସ୍ଥାଗୁଡ଼ିକୁ କାର୍ଯ୍ୟକାରୀ କରିବାରେ ଯଦି କୌଣସି ଅସୁବିଧା ଉପୁଜେ, ତେବେ, ଉକ୍ତ ଅସୁବିଧାକୁ ଦୂର କରିବା ସକାଶେ କେନ୍ଦ୍ର ସରକାର ଯେପରି ଆବଶ୍ୟକ ବା ସମୀଚୀନ ମନେ କରିବେ, ଏହି ଅଧିନିୟମର ବ୍ୟବସ୍ଥାଗୁଡ଼ିକ ସହ ଅସଙ୍ଗତ ହେଉ ନ ଥିବା ସେପରି ବ୍ୟବସ୍ଥାମାନ, ଆଦେଶ ଦ୍ୱାରା ସରକାରୀ ଗେଜେଟରେ ପ୍ରକାଶିତ କରି, ପ୍ରଣୟନ କରିପାରିବେ :

ପରନ୍ତୁ ଏହି ଅଧିନିୟମର ପ୍ରାରମ୍ଭ ତାରିଖଠାରୁ ଦୁଇ ବର୍ଷର ଅବସାନ ପରେ ସେପରି କୌଣସି ଆଦେଶ ଦିଆଯିବ ନାହିଁ ।

(2) ଏହି ଧାରା ଅନୁଯାୟୀ ପ୍ରଣୀତ ପ୍ରତ୍ୟେକ ଆଦେଶ, ତାହା ପ୍ରଣୟନ କରାଯିବା ପରେ ପରେ ଯଥାସମ୍ଭବ ଶୀଘ୍ର ସଂସଦର ପ୍ରତ୍ୟେକ ଗୃହରେ ଉପସ୍ଥାପନ କରାଯିବ ।

ନିରସନ ।

31. ଏତଦ୍ୱାରା ସୂଚନାର ସ୍ୱାଧୀନତା ଅଧିନିୟମ, 2002 ନିରସିତ ହେଲା । 2003

## ପ୍ରଥମ ଅନୁସୂଚୀ

[ଧାରା 13 (3) ଓ 16 (3) ଦ୍ରଷ୍ଟବ୍ୟ]

ମୁଖ୍ୟ ସୂଚନା ଆୟୁକ୍ତ/ ସୂଚନା ଆୟୁକ୍ତ/ରାଜ୍ୟ ମୁଖ୍ୟ ସୂଚନା ଆୟୁକ୍ତ/ରାଜ୍ୟ ସୂଚନା ଆୟୁକ୍ତଙ୍କ ଦ୍ୱାରା କରାଯିବାକୁ ଥିବା ଶପଥ ବା ପ୍ରତିଜ୍ଞାନ ର ଫର୍ମ

ମୁଁ, ...............................................................................ମୁଖ୍ୟ ସୂଚନା ଆୟୁକ୍ତ/ସୂଚନା ଆୟୁକ୍ତ/ରାଜ୍ୟ ମୁଖ୍ୟ ସୂଚନା ଆୟୁକ୍ତ/ରାଜ୍ୟ ସୂଚନା ଆୟୁକ୍ତ ରୂପେ ନିଯୁକ୍ତ ହୋଇ ଈଶ୍ୱରଙ୍କ ନାମରେ ଶପଥ କରୁଛି/ସତ୍ୟନିଷ୍ଠା ସହ ପ୍ରତିଜ୍ଞାନ କରୁଅଛି ଯେ ମୁଁ ବିଧିଦ୍ୱାରା ସ୍ଥାପିତ ଭାରତର ସମ୍ବିଧାନ ପ୍ରତି ସର୍ବାନ୍ତଃକରଣରେ ବିଶ୍ୱାସ ଓ ରାଜନିଷ୍ଠା ରଖିବି, ଭାରତର ସାର୍ବଭୌମତା ଓ ଅଖଣ୍ଡତାକୁ ଅକ୍ଷୁର୍ଣ୍ଣ ରଖିବି, ଏବଂ ମୁଁ ସମ୍ୟକରୂପେ ଓ ବିଶ୍ୱସ୍ତତା ପୂର୍ବକ ଏବଂ ନିଜର ପୂର୍ଣ୍ଣ ସାମର୍ଥ୍ୟ, ଜ୍ଞାନ ଓ ରାୟ ଅନୁସାରେ ତଥା ଭୟ ବା ଅନୁଗ୍ରହ, ଅନୁରାଗ ବା ବିଦ୍ୱେଷ ନ ରଖି ମୋର ପଦର କର୍ତ୍ତବ୍ୟ ପାଳନ କରିବି ଏବଂ ମୁଁ ସମ୍ବିଧାନ ଓ ବିଧିଗୁଡ଼ିକୁ ଅକ୍ଷୁର୍ଣ୍ଣ ରଖିବି ।

## ଦ୍ୱିତୀୟ ଅନୁସୂଚୀ

(ଧାରା 24 ଦ୍ରଷ୍ଟବ୍ୟ)

### କେନ୍ଦ୍ର ସରକାରଙ୍କ ଦ୍ୱାରା ସ୍ଥାପିତ ଗୁପ୍ତ ସୂଚନା ଏବଂ ନିରାପତ୍ତା ସଂଗଠନ

1. ଇଣ୍ଟେଲିଜେନ୍ସ ବ୍ୟୁରୋ
2. ରିସର୍ଚ୍ଚ ଆଣ୍ଡ ଆନାଲିସିସ୍ ୱଇଙ୍ଗ୍ ଅଫ ଦି କ୍ୟାବିନେଟ୍ ସେକ୍ରେଟାରିଏଟ୍
3. ଡାଇରେକ୍ଟୋରେଟ୍ ଅଫ ରେଭିନ୍ୟୁ ଇନ୍‌ଟେଲିଜେନ୍ସ
4. ସେଣ୍ଟ୍ରାଲ୍ ଇକୋନୋମିକ୍ ଇନ୍‌ଟେଲିଜେନ୍ସ ବ୍ୟୁରୋ
5. ଡାଇରେକ୍ଟୋରେଟ ଅଫ୍ ଏନ୍‌ଫୋର୍ସମେଣ୍ଟ
6. ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ
7. ଏଭିଏସନ୍ ରିସର୍ଚ୍ଚ ସେଣ୍ଟର
8. ସ୍ପେଶାଲ ଫ୍ରୋନ୍‌ଟିଅର ଫୋର୍ସ
9. ବର୍ଡ଼ର ସିକ୍ୟୁରିଟି ଫୋର୍ସ
10. ସେଣ୍ଟ୍ରାଲ ରିଜର୍ଭ ପୋଲିସ୍ ଫୋର୍ସ
11. ଇଣ୍ଡୋ-ତିବ୍ବତୀୟାନ୍ ବର୍ଡ଼ର ପୋଲିସ୍
12. ସେଣ୍ଟ୍ରାଲ ଇଣ୍ଡଷ୍ଟ୍ରିଆଲ ସିକ୍ୟୁରିଟି ଫୋର୍ସ
13. ନ୍ୟାସ୍‌ନାଲ୍ ସିକ୍ୟୁରିଟି ଗାର୍ଡ଼ସ୍
14. ଆସାମ ରାଇଫଲସ୍

* 15. ସଶସ୍ତ୍ର ସୀମା ବଳ

16. ସ୍ପେଶାଲ ବ୍ରାଞ୍ଚ (ସିଆଇଡି), ଆଣ୍ଡାମାନ ଆଣ୍ଡ ନିକୋବର
17. ଦି କ୍ରାଇମ୍ ବ୍ରାଞ୍ଚ-ସିଆଇଡି-ସିବି, ଦାଦ୍ରା ଆଣ୍ଡ ନଗର ହାବେଳି
18. ସ୍ପେଶାଲ ବ୍ରାଞ୍ଚ, ଲାକ୍ଷା ଦ୍ୱୀପ ପୋଲିସ

** 19. ସ୍ପେଶାଲ ପ୍ରୋଟେକ୍ସନ୍ ଗ୍ରୁପ୍

** 20. ଡିଫେନ୍ସ ରିସର୍ଚ୍ଚ ଆଣ୍ଡ ଡେଭଲପ୍‌ମେଣ୍ଟ ଅର୍ଗାନାଇଜେସନ୍

** 21. ବର୍ଡ଼ର ରୋଡ଼ ଡେଭଲପ୍‌ମେଣ୍ଟ ବୋର୍ଡ଼

** 22. ଫାଇନାନ୍‌ସିଆଲ୍ ଇଣ୍ଟେଲିଜେନ୍ସ ୟୁନିଟ୍, ଇଣ୍ଡିଆ

---

* ଜି. ଏସ୍. ଆର୍. 347 ତା 28-9-2005 ଦ୍ୱାରା ପ୍ରତିସ୍ଥାପିତ

* * ଜି. ଏସ୍. ଆର୍. 347 ତା 28-9-2005 ଦ୍ୱାରା ଅନ୍ତସ୍ଥାପିତ

ଦି ରାଇଟ୍ ଟୁ ଇନ୍‌ଫରମେସନ୍ ଆକ୍ଟ, 2005ର ଉପରୋକ୍ତ ଓଡ଼ିଆ ଅନୁବାଦଟି ପ୍ରାଧିକୃତ ପାଠ (କେନ୍ଦ୍ରୀୟ ବିଧି) ଅଧିନିୟମ, 1973 ର ଧାରା 2 ର ଖଣ୍ଡ (କ) ଅନୁଯାୟୀ ସରକାରୀ ଗେଜେଟରେ ପ୍ରକାଶିତ ହେବାପାଇଁ ରାଷ୍ଟ୍ରପତିଙ୍କ ଦ୍ୱାରା ପ୍ରାଧିକୃତ ହୋଇଅଛି ।

The above translation in Oriya of the Right to Information Act, 2005 has been authorised by the President to be published in the Official Gazette under clause (a) of Section 2 of the Authoritative Texts (Central Laws) Act, 1973.

New Delhi

Dated

ସଚିବ, ଭାରତ ସରକାର

Secretary to the Government of India

OGP—MP—PTS (LAW) 9–200—18-7-2006